भारत सरकार
GOVERNMENT OF INDIA
राष्ट्रीय पुस्तकालय, कलकत्ता ।
NATIONAL LIBRARY, CALCUTTA

वर्ग संख्या
Class No. 891.452
पुस्तक संख्या
Book No. D85

मु०/ N. L. 38.

MGIPC—S4—9 LNL/66—13-12-66—1,50,000.

GOVERNMENT OF INDIA

NATIONAL LIBRARY

CALCUTTA.

This book was taken from the Library on the date last stamped. A late fee of 6 nP. will be charged for each day the book is kept beyond a month.

ପ୍ରେମଲତା

(ଚିଠି ।)

ଯୁବରାଜ ବୀରବିକ୍ରମଦେବ

ଖଡ଼ିଆଳଙ୍କ

ବିରଚିତ ।

ଶ୍ରୀ ରାମଶଙ୍କର ରାୟଙ୍କଦ୍ୱାରା

ସଂଶୋଧିତ ।

CUTTACK,

Printed by the Cuttack Printing Company. 'Ltd.'

1899.

ମୂଲ୍ୟ ଦୁଇଅଣା ମାତ୍ର ।

25 % Extra

ନାଟ୍ୟୋଲ୍ଲିଖିତ [illegible]ଗଣ ।

ପୁରୁଷ ।

ବନୋଦ ସିଂହ	ଅମରପୁରର ରାଜା
[illegible]ଶଣ୍ଡିବାହନ	ମନ୍ତ୍ରୀ
ମକରକେତନ	ଯୁବରାଜ
[illegible]ବାହନ [illegible]ରସେନ [illegible]ସେନ	ଗନ୍ଧର୍ବ ଦସ୍ୟୁ
[illegible]ମରକେତୁ	ଚନ୍ଦନନଗରର ରାଜା
[illegible]ପରସ୍ତୂଣ	ମନ୍ତ୍ରୀ
[illegible]ନନ୍ଦ	ଦୂତ

ସୂତ୍ରଧାର, ନଟ, ସଭାସଦବର୍ଗ, ବଦୂଷକ, ଦ୍ୱାରୀ, ପୁରୋହିତ ଓ ଯୁବରାଜଙ୍କ ସଙ୍ଗୀଗଣ ।

ସ୍ତ୍ରୀ

[illegible]ଷୋପୂଲା	ଅମରପୁରର ରାଣୀ
[illegible]ମିକଲା [illegible]କଳା	ଦାସୀ ଦ୍ୱୟ
[illegible]ମୁନସ୍ତ	ଚନ୍ଦନନଗରର ରାଣୀ
[illegible]ଲତା	ରାଜକନ୍ୟା
[illegible]ରମଞ୍ଜରୀ [illegible]ହାସ୍ତ	ସଖୀଦ୍ୱୟ
[illegible]ଦକେଶୀ	ଅପ୍ସରା

[illegible]ଚୀ, ଧାଈ ଓ ସହଚରୀ ।

ପ୍ରେମଲତା ।

ପ୍ରସ୍ତାବନା ।

ନୀପ୍ସାସ୍ଫୁଃ ଶଫଗସ୍ପୃଷ୍ଟାଣଶର୍ଣ୍ଣିଭିଶ୍ଚୈଷ୍ଟୋଲଲ୍ଲ ଦୈରବ
ବ୍ରାଡବ୍ରାନ୍ତ୍ସ୍ମୃଧ୍ନୁବ୍ରଢବ୍ରଢ଼ମିଷାଦୁହୁକ୍ଷିପ୍ରନୀଲାଂଶୁକାଃ ।
ବନ୍ଦୋନ୍ମେ୍ୟ ଦିଉଳା କଟାକ୍ଷପ୍ତଡକା ଯାଦଭ୍ୟକାସଙ୍ଗମଂ
ନୃତ୍ୟୈର୍ଣ୍ଣିର୍ଦ୍ଦବଶ୍ଚିଟକୋଟିଡପର୍ଲ୍ଲସ୍ୱର୍ଗାପଗା ବୀରପ୍ସୁଃ ॥
ଶ୍ରେୟୋ ଦେମ ବଦଧାଭୁ ଶାର୍ଦ୍ଦଶଶୀ ଶୀସ୍ପବା ଭ୍ରୂସ୍ପବା
ହାସ୍ୟସାରକସ୍ୱଣବାଶ୍ମୀ ମଧୁର ବ୍ୟାହାରଣୀ ହାରଣୀ ।
ମୂର୍କ୍ତ୍ୟାଭୂଷଣପୋଷଣସ୍ଥିତକବଶ୍ମୀସାଧୂକା ସାଧୂକା
ଙ୍କବର୍ଣ୍ୟେକ କର୍ଣ୍ଣେନ କ୍ଲିଭବଗୀ ରମ୍ଭାରଭ ଭାରତୀ ॥

ନାନ୍ଦ୍ୟନ୍ତେ

ସୂତ୍ରଧାର ।—ଅଲମତି ବିସ୍ତରେଣ ।—ଅହୋ ମଙ୍ଗଳାଚରଣର ତ ଆଉ ଅବସର ଅଛି ! ଯାହାହେଉ ଉପସ୍ଥିତ ଭଦ୍ରମଣ୍ଡଳମାନଙ୍କର ଚିତ୍ତ ପ୍ରମୋଦାର୍ଥ ଅଭିନୟ ଆରମ୍ଭ କରିବା ଉଚିତ । (ଚତୁର୍ଦ୍ଦିଗ ନିରୀକ୍ଷଣ ପୂର୍ବକ) ହେ ଭଦ୍ରମଣ୍ଡଳ ! ମୁଁ ଏହି କ୍ଷୁଦ୍ର ନାଟକରେ ଚିତ୍ତ-ପ୍ରମୋଦ କରିପାରିବି ଏପରି ଆଶା ନାହିଁ ମାତ୍ର ଯେଉଁପରି ଶୁକପକ୍ଷୀକି ପାଳକ କୃଷ୍ଣ "କୃଷ୍ଣ" ନାମ ଶିଖାଇଲାପରେ ସେ ତାହା କହି କେତେ କେତେ କହିଲେ ସୁବା ପକ୍ଷୀ କୃଷ୍ଣ କୃଷ୍ଣ ବୋଲୁ ଅଛି 'ବୋଲି ତୁଷ୍ଟଳେ

ସନ୍ତୁଷ୍ଟ ହୁଅନ୍ତି ସେହିପରି ସନ୍ତୋଷରେ ମଗ୍ନ ହୋଇ ଏ ନାଟକର ଦୋଷାଦୋଷ କ୍ଷମା କରିବେ ।

[ନଟର ପ୍ରବେଶ ।

ନଟ ।—ଆର୍ଯ୍ୟ ! ଆପଣଙ୍କ ଆଜ ଭଲବେଶ ଉପସ୍ଥିତ କରିବାକୁ ଦେଖି ବଲାଇ ଏ ଭଦ୍ରମଣ୍ଡଳଙ୍କୁ ଉପସ୍ଥିତ କରାଇଛନ୍ତି ।

ସୂତ୍ର ।—ହିଁ ! କେ ଜାଣେ ଈଶ୍ୱର ଯଶ ଦେଉଛନ୍ତି ଅବା ଅପଯଶ ।

ନଟ ।—କାହିଁକି ଅପଯଶ ଦେବେ ?—ଯଶ ଦେବେ । ଆପଣ ନବରଚିତ ପ୍ରେମଲତା ନାଟକ ଏହି ସଭ୍ୟବୃନ୍ଦଙ୍କୁ ଦେଖାଇବାକୁ ଚେଷ୍ଟା କରୁଛନ୍ତି ?

ସୂତ୍ର ।—ଯଥାର୍ଥ କହିଛ ।

ନଟ ।—ଭଲ ହେବ, ଆରମ୍ଭ କରନ୍ତୁ, ସମସ୍ତ ଭଦ୍ରମଣ୍ଡଳୀ ଅବଶ୍ୟ ସନ୍ତୁଷ୍ଟ ହେବେ; କାରଣ ନାଟକର ନାମ ଯେବେ ଜନମନୋରଞ୍ଜନ ହୋଇଛି ତେବେ ସ୍ଥଳର ଅବସ୍ଥିତ କାହିଁକି ଭଲ ନ ହେବ ? (ନେପଥ୍ୟାଭିମୁଖେ ନିରୀକ୍ଷଣ କରି) ପ୍ରିୟେ ! ଶୀଘ୍ର ଆସ । ଆର୍ଯ୍ୟପୁତ୍ରଙ୍କର ଉତ୍ସାହକୁ ସାହାଯ୍ୟ ଦେଇ ବର୍ଦ୍ଧନ କର ।

[ନଟୀର ମଧୁରସ୍ୱରେ ଗାନ ଓ ନୃତ୍ୟ କରୁ କରୁ ପ୍ରବେଶ ।

ରାଗ ମୁଖାରୀ । ତାଳ ଝିମ୍ପଟା ।

ଅଜ ଏ କି ଭାଗ୍ୟଦିନ, ଦେଖିଲି ମୋର ନୟନ, ଭଲ ଏ ସଙ୍ଗ ପାଇ, ମୋମନ ନେଉଛୁ କିଣି ॥ ଘୋଷା ॥

ସଭାମଣ୍ଡପର ଛବି, କେ କହିପାରିବ କବି, ଏପରି ଅବନୀତଳେ, କାହିଁ ଦେଖି ନାହିଁ ତୋଳେ । ୧ । କନକ-ସ୍ତମ୍ଭେ ବସନ୍ତ, ତ ...

ମଣ୍ଡନଗଣ, ଅହ୍ୱା କ ମୁକୁର ଭିତ୍ତି, ଝଲକପଟଡ଼ି କ ଢୋଲ । ୨ ।
ଛୁଟିରେ ଜଳ ନିର୍ମାଣ, ଉପରେ ଜରି ବଚାଳ, ଲମ୍ବିଛି ମୁକୁତାପନ୍ତି,
ମାନସ ହଁଅଇ ରଞ୍ଜି । ୩ । ନାନା ଦେଶ ଭଦ୍ରଶ୍ରେଣୀ, ହରଷ ଚିତ୍ତରେ
ପୂର୍ଣ୍ଣ, ଯେ ଯାହା ବେଶକୁ ଧରି, ଯହିଁ ରହିଛନ୍ତି ପୂରି । ୪ । ରାଜା
ଜମିଦାର ଯେତେ, ବସିଛନ୍ତି ଦର୍ଶ୍ୟ ରତ୍ନେ, କହ ହେ ଆର୍ଯ୍ୟ ଭରତେ,
କିପାଇଁ ଡ଼ାକିଲ ମୋତେ ॥ ୫ ॥

ସୂତ୍ର ।—ନ ଜାଣେ କି ପ୍ରେମଲତା ନାଟକର ଅଭିନୟ ହେବ ? ଯଦି ତୁମ୍ଭେ ତୁହିଁରେ କିଛି ସାହାଯ୍ୟ ନ କରିବ ତାହାହେଲେ କି ଏ ଅଭିନୟର ଶୋଭା ବୃଦ୍ଧି ହେବ ?

ନଟୀ ।—ଆର୍ଯ୍ୟପୁତ୍ର ! ମୁଁ ତ ଅବଳା—ମୋର ସାହାଯ୍ୟରେ ଆପଣ କି ଲାଭ ପାଇବେ ? ଯାହାହେଉ ଆପଣଙ୍କ ଆଜ୍ଞାନୁସାରେ ମୁଁ ଯଥାଶକ୍ତି ସାହାଯ୍ୟ ଦେବାରେ ତ୍ରୁଟିକରିବ ନାହିଁ । ଆରମ୍ଭ କରନ୍ତୁ ।

ନଟ ।—ହେ ଆର୍ଯ୍ୟେ ! ଏମନ୍ତ ପ୍ରିୟ୍ୟାର ସାହାଯ୍ୟ ଦେବାନିମିତ୍ତ ସମ୍ମତ ହେଲେଣି, ଆଉ ବିଳମ୍ବ କାହିଁକି ? ଚାଲନ୍ତୁ ନାଟକାଭିନୟ ଶୀଘ୍ର ଆରମ୍ଭ କରିବା । ଯବନିକା ପତନ ।

(ସପ୍ରଦର୍ଶକଙ୍କର ନୃତ୍ୟ ।)

ପ୍ରଥମ ଅଭିନୟ ।

(ଅମରପୁର ।)

ପ୍ରଥମ ଦୃଶ୍ୟ । ରାଜସଭା ।

[ବିନୋଦ ସିଂହ ଶିଖଣ୍ଡି ବାହନ, ବିଦୂଷକ ଓ ସଭାସଦ୍‌ବର୍ଗଙ୍କ ସହିତ ଆସୀନ ।]

ବିନୋ ।—ମନ୍ତ୍ରିନ୍ ! ଆପଣଙ୍କୁ କି ଆମ୍ଭର ପୁତ୍ର ମକରକେତନର ଚିନ୍ତା ନାହିଁ ? ଯୁବରାଜଙ୍କର ଯୁବାବସ୍ଥା ଆସି ହେଲାଣି, ଆପଣ ଆପଣାର ଚକ୍ଷୁରୁ ତାହାଙ୍କର ବିବାହଚିନ୍ତା ଛାଡ଼ି ଦେଇଛନ୍ତି କିସ ?

ଶିଖ ।—ମହାରାଜ ! ଛାମୁରୁ ଆଜ୍ଞା ହେବା ପୂର୍ବରୁ ମୁଁ ସେ କଥାର ବନ୍ଦୋବସ୍ତ କରିଥିଲି ମାତ୍ର ଯୁବରାଜ ବିବାହ ନିମନ୍ତେ ଅସମ୍ମତ କରୁଛନ୍ତି ।

ବିନୋ ।—ସତ୍ୟ ! ସତ୍ୟ ! ଆପଣ ଉତ୍ତମରୂପେ ବୁଝିଛନ୍ତି ?

ଶିଖ ।—ମହାରାଜ ! ଉତ୍ତମରୂପେ ବୁଝିଛି ।

ବିନୋ ।—ଯୁବରାଜଙ୍କୁ ଆମ୍ଭ ଛାମୁକୁ ଘେନି ଆସନ୍ତୁ ।

ଶିଖ ।—ଯେ ଆଜ୍ଞା ।

[ମନ୍ତ୍ରୀଙ୍କ ପ୍ରସ୍ଥାନ ଓ ମକରକେତନ ସହିତ ପୁନରାଗମନ ।

ବିନୋ ।—ଯୁବରାଜ ! ତୁମ୍ଭର ବିବାହର ବୟସ ଉପସ୍ଥିତ ହୋଇଛି, ଆମ୍ଭେ ତୁମ୍ଭଙ୍କୁ ବିବାହ ଦେବାର ଇଚ୍ଛା ରଖିଛୁଁ ।

ବିଦୂ ।—ମହାରାଜ ! ସ୍ନେହ ଆପଣଙ୍କର ଅର୍ଦ୍ଧ — ଆପଣ ଯାହା କହିବେ ତାହା ତାଙ୍କର ଶିରୋଧାର୍ଯ୍ୟ — ଏପରି ସ୍ଥଳେ ତାଙ୍କର ସମ୍ମତି ନେବାର ଆବଶ୍ୟକ କଣ ? ମୁଁ କୌଣସିଠାରେ ଶୁଣି ନାହିଁ

ବିବାହ ନିମନ୍ତେ ପିତା ପୁତ୍ରର ସମ୍ମତି ନିଏ । ହାଃ ! ହାଃ !
ହାଃ ! ଏ କି ଆଶ୍ଚର୍ଯ୍ୟ !

ନନ୍ଦୋ ।—ଆଶ୍ଚର୍ଯ୍ୟ ! ଆପଣ ଯାହା କହିଲେ ତାହା ସତ୍ୟ ମାତ୍ରକ ଯେଉଁ ପିତା ଆପଣା ପୁତ୍ରର ସମ୍ମତି ନ ନେଇ ବିବାହ ଦିଏ ତାହାଙ୍କୁ ଧିକ୍ ! ଅନ୍ୟାନ୍ୟ ବିଷୟରେ ପଛକେ ଆପଣା ପୁତ୍ରକୁ ନ ପଚାରି ମାତ୍ର ବିବାହ କରିବା ତାହାର ସମ୍ମତି ନେବ ଉଚିତ କାରଣ ବିବାହ ଜଗତ ସଂସାରରେ ଏକପ୍ରକାର ବନ୍ଧନ—ପୁତ୍ରର ଅସମ୍ମତିରେ ବିବାହ କଲେ ଅନେକ ବିପଦମାନ ପଡ଼େ ।

ବନ୍ଧୁ ।—ମହାରାଜ ! ତେବେ ପଚାରିବା ଉଚିତ ! ଓହୋ ! ଅପଣେ ମୋଠାରୁ ଜାଣିବାରେ କହିଲେ—ମୋର ବିଷୟରେ ଜଗତ ସଂସାରରେ ଆଉ ଅନ୍ୟାନ୍ୟ ଲୋକମାନେ ଗଧ !

[ବିଦୂଷକର ପ୍ରସ୍ଥାନ ।

ନନ୍ଦୋ ।—ଯୁବରାଜ ! କି କହୁଛ ?

ମନ୍ତ୍ର ।—(ବଦ୍ଧାଞ୍ଜଳି ପୁରଃସର ସବିନୟ) ମହାରାଜ ! ଛାମୁ ଯାହା ଆଜ୍ଞା କରିବେ ମୋର ଶିରୋଧାର୍ଯ୍ୟ ମାତ୍ରକ ବିବାହ କରିବା ମୋର ଇଚ୍ଛା ନାହିଁ କାରଣ ସଂସାରରେ ସ୍ତ୍ରୀଯୋଗରୁ ଅନେକ ଲୋକେ ବିପଦରେ ପଡ଼ିଛନ୍ତି ଏବଂ ସ୍ତ୍ରୀମାନେ କନ୍ୟା ଅଟନ୍ତି । ଅତଏବ ହେ ମହାରାଜ ! ମୋତେ ଏ କଷ୍ଟରୁ ରକ୍ଷା କରନ୍ତୁ ।

ନନ୍ଦୋ ।—(କର୍ଣ୍ଣରେ ହାତ ଦେଇ) ଓହୋ ! ମନ୍ତ୍ରୀ ଯାହା କହୁଥିଲେ ତାହା ସତ୍ୟ ।—ଯୁବରାଜ, ଉଦ୍ୟାନକୁ ଯାଅ ଓ ବିଚାର କରି ଆମ୍ଭଙ୍କୁ ଜଣାଇବ ।

[ମନ୍ତ୍ରଉଦ୍ଦେଶକର ପ୍ରସ୍ଥାନ ।

ମନ୍ତ୍ରୀନ୍ ! ଯୁବରାଜଙ୍କୁ ଉତ୍ତମରୂପେ ବୁଝାଅ । ଯାହା କଲେ ସେ ସନ୍ତୁଷ୍ଟ ହେବେ ତାହା କର ।

(ସମସ୍ତଙ୍କ ଓ ପଟ ପରିବର୍ତ୍ତନ ।)

ଦ୍ୱିତୀୟ ଦୃଶ୍ୟ – ଅନ୍ତଃପୁର ।

[ରାଜା ବିନୋଦ ସିଂହ ଚିତ୍ରେଶ୍ୱରୀ ପାଟମହାଦେଈଙ୍କ ସହିତ ପର୍ଯ୍ୟଙ୍କୋପରି ଆସୀନ ।]

ବିନୋ ।—ଆପଣ ଜାଣିଲେଣି କି ପ୍ରିୟେ ଯୁବରାଜ ବିବାହ ନିମନ୍ତେ ଅସ୍ୱୀକାର କରୁଛି ?

ଚିତ୍ରେ ।—(ହଠାତ୍ ଦଣ୍ଡାୟମାନ ହୋଇ ଔତ୍ସୁକ୍ୟାନ୍ୱିତ ଭାବରେ) କି, ଏ କଥା ସତ୍ୟ ? (ଊର୍ଦ୍ଧ୍ୱଦୃଷ୍ଟିରେ ନିରୀକ୍ଷଣ କରଣ ।)

ବିନୋ ।—ହାଁ ଏବେ ତୁମ୍ଭେ ଯୁବରାଜଙ୍କୁ ବୁଝାଅ ଯେଉଁପରି ସେ ସନ୍ତୁଷ୍ଟ ହେବ, ବୃଥା ଚିନ୍ତା କରିବାର କାରଣ କି ?

[ଚନ୍ଦ୍ରକଳାର ପ୍ରବେଶ ।

ଚନ୍ଦ୍ର ।—(ଯୋଡ଼ହସ୍ତେ) ମହିମା ! ମନ୍ତ୍ରୀ ଯୁବରାଜଙ୍କ ସହିତ ଅଗଣାରେ ଦଣ୍ଡାୟମାନ ହୋଇଛନ୍ତି, ଆଉ ଆମ୍ଭଙ୍କୁ ଆସିବା ନିମନ୍ତେ ପ୍ରତୀକ୍ଷା କରୁଛନ୍ତି—ଆଜ୍ଞା ହେଲେ ତାଙ୍କ ଆଣିବ ।

ବିନୋ ।—ତାଙ୍କ ସଙ୍ଗରେ ଆଉ କିଏ ଅଛି ?

ଚନ୍ଦ୍ର ।—ଦୁଇଜଣ ଏକା ।

ଚିତ୍ରେ ।—ଏକା ଯୁବରାଜଙ୍କୁ ଡାକିଆଣ ।

[ମକରକେତନର ପ୍ରବେଶ ।

(ସହସା ଯୁବରାଜଙ୍କ ହାତ ଧରି କ୍ରନ୍ଦନ ସ୍ୱରେ) ଯୁବରାଜ ତୁ କାହିଁକି ଆମ୍ଭଙ୍କୁ ଅଗାଧ ସମୁଦ୍ରରେ ଭସାଉଛୁ ? ତୁ

ଯସ୍ତ ଆମ୍ଭର ଏକମାତ୍ର ପୁତ୍ର ? ଯେବେ ତୁ ବିବାହ ନ ହେବୁ ତେବେ ଆମ୍ଭର ରାଜ୍ୟ ଶାସନ କରିବାକୁ ତୋର ଉତ୍ତରାଧିକାରୀ କିଏ ହେବ ? ଏବେତ ଆମ୍ଭର ବୃଦ୍ଧାବସ୍ଥା ହେଲାଣି ପୁଣି ଆମ୍ଭେ ପୁତ୍ର ପାଇ ରାଜ୍ୟ-ଭାର ତାକୁ ସମର୍ପଣ କରିବୁଁ ? ବିବାହ ନ ହେଲେ ଭୂତ ଅଭିଷେ-କର ତାତ୍ପର୍ଯ୍ୟ ବଢ଼ାଇ ପାରିବୁ ନାହିଁ; ରେ କୁଳଚନ୍ଦ୍ର ! ଅସମ୍ମତ ନାହିଁ କି ? ବିରାଗୀ ହେବାକୁ କିଏ ଶିକ୍ଷା ଦେଲା କି ?

ଗୀତ ।

ରାଗ କାଫି-ତାଳ ଝୁଲା ।

ଅରେ ବାବୁ କୁଳମଣି, କର୍ଣ୍ଣେ ଶୁଣାଉ ଏ ବାଣୀ ,
ତବ ବୃଦ୍ଧ ପିତା ମାତାଙ୍କ ହୃଦୟ ଭିତର ହେଉଛି ହାଣି ,
ଶୁଣି ଶୁଣି । ୧ ।
ସରଳା ପ୍ରଜା ଆମ୍ଭର, ଇନ୍ଦ୍ରିୟ ଲଭିଲେ ସ୍ଥିର,
ଧନୁ ଧନୁ ତବେ ତାଙ୍କୁ ବୃଦ୍ଧି ହେବ ଶୁଣି ଶୁଣି ସ୍ୱତ ତୋର
କୁମରବର । ୨ ।
ପିତା ମାତାଙ୍କୁ ତୁ ଶ୍ରଦ୍ଧା, ତୋତ୍ପରା ବନୁ ଅନ୍ୟ ଯାହା,
ନାହିଁ ନ ସଂସାରେ କର ଧରି ବଳା ମାଗୁଛି ନ କର ଏହା ,
ନସାଏ ସହା । ୩ ।
ଯେନ ରେ ପ୍ରାଣସଖାଳ, ମାଗୁଛି ନ କର ଅନ,
ଅଟଳ ପ୍ରତିଜ୍ଞ ଦେଖିଣ ମୋହର ରହି ନ ପାରୁଁ ସମ୍ଭାଳ ;
ନେହପିଲ୍ଲକ । ୪ ।
ତନୟ ବିବେକ ଜେଷ୍ଠି, ଜନକ ଜନନୀ ପ୍ରଶ୍ନୀ,
କାହାଠାରୁ ଏବେ ଶୁଣି ମନକାଣୀ ଅମ୍ଭକୁ କରିବୁ ଦୁଃଖୀ ,
କ ମନେ ରଖି । ୫ ।

ସୁଜନ ଜନାଙ୍କୁ ଡର, ଉତ୍ତମଜନ ବୈଶ୍ୱର,
ଏ ଯେବ ଜଗତେ ଜନା ହେବ ତୋତେ, ଉତ୍ତମରୂପେ ବଶ୍ୟର
ଭ୍ରମରବର । ୧ ।
ହର ଏବୁ ସିତ୍କାର, ବିବାହ ଉତ୍ସବ ତୋର,
ଦେଖିବାକୁ ଆମ୍ଭ ଚିତ୍ତ ଚଳଅଛୁ କପାଁ ନଦେଉ ଉତ୍ତର;
ଏବେ ସତ୍ୱର । ୨ ।

ବନୋ ।—(ଛଳନ ସ୍ୱରେ) ଯୁବରାଜ ! ଆମ୍ଭମାନଙ୍କୁ କି ଦେଖୁନାହଁ ?

ମନ୍ତ୍ର ।—ଆପଣ ଯାହା କହିଲେ ତାହା ସତ୍ୟ ମାତ୍ର ବିବାହ ହେବାକୁ ମୋର ଚିତ୍ତ ବଳୁ ନାହିଁ; ପିତଃ ! ଏମୁ ଯେଉଁ ଦଣ୍ଡ ଉଚିତ ବୋଧ କରିବେ ସେହି ଦଣ୍ଡ ମୋର ଶିରୋଧାର୍ଯ୍ୟ ।

ବନୋ ।—(ସକ୍ରୋଧେ) ଚନ୍ଦ୍ରକଳା ! ଚନ୍ଦ୍ରକଳା !

ଚନ୍ଦ୍ର ।—(କରଯୋଡ଼ି) ମହିମନ୍ କି ଆଜ୍ଞା ହେଉଛି ?

ବନୋ ।—ମନ୍ତ୍ରିଙ୍କି ଶୀଘ୍ର ଡାକିଆଣ ।

ଚନ୍ଦ୍ର ।—ଯେ ଆଜ୍ଞା ।

[ଶିଖଣ୍ଡିବାହନର ପ୍ରବେଶ ।

ବନୋ ।—ମନ୍ତ୍ରିନ୍ ! ଆମ୍ଭର ଯୁବରାଜର ଚିତ୍ତ ଅଟଳ ପ୍ରତିଜ୍ଞାକୁ ଧାରଣ କରଛି । ଏହାକୁ ନିର୍ଜନ କାରାଗାରରେ କେତେକ ଦିନ ନିମନ୍ତେ ରଖିଲୁ ଯେଉଁ ଦିନ ବିବାହ ନିମନ୍ତେ ଯୁବରାଜ ସମ୍ମତ ହେବ ସେହି ଦିନ ଆମ୍ଭ ସମ୍ମୁଖକୁ ଆଣିବେ ।

ଶିଖ ।—ଯେ ଆଜ୍ଞା ।

[ମକରକେତନର ହସ୍ତ ଧାରଣ ପୂର୍ବକ ଶିଖଣ୍ଡିବାହନର ପ୍ରସ୍ଥାନ ଏବଂ ଯବନିକା ପତନ ।

ସପ୍ତସଖୀଙ୍କ ନୃତ୍ୟ ।

—୦*୦—

ଦ୍ୱିତୀୟ ଅଭିନୟ ।

(ଅମରପୁର ।)

ପ୍ରଥମଦୃଶ୍ୟ । କାରାଗାର ।

[ମକରକେତନ ଶୟାନ । ନାରଦବେଶୀର ଧୂନ୍ୟକୁ ଉଠାଇ ଯୁବ-ରାଜ ନିକଟରେ ପ୍ରବେଶ ଏବଂ ଆଚ୍ଛାଦନ ବସ୍ତ୍ର କାଢ଼ି ରୂପ ସନ୍ଦର୍ଶନ ।]

ନାର ।—ଆହା ! ଏ କେଡେ ସୁନ୍ଦର ରାଜକୁମାର ! ଏହାର ରୂପ ଦେଖି କାହାର ଛାତି ଫାଟି ନ ଯିବ ? ଏମନ୍ତି ଏକାକୀ ହୋଇ ନିର୍ଜନ ଗୃହରେ ଶୋଇଛି ! ଏତ କାହାର ବିଦ୍ରୋହୀ ନୁହେ ।—ବିଧାତା ନିର୍ମମ—ଏପରି ପୁଷ୍ପଟିକୁ ଏପରି ଦଣ୍ଡ ଯୋଗ୍ୟ କି ? କି ବିଚାରେ ଏହାକୁ ଏ ଦଣ୍ଡ ଦେଇଛ ?

[ସୁରସେନ ଓ ଜୀମୂତବାହନର ପ୍ରବେଶ ।

ସୁର ।—ହେ ସୁନ୍ଦରି, ଭାବନା କାହିଁକି କରୁଛ ? ତୁମ୍ଭଙ୍କୁ କାହା ପାଇଁ ଏତେ ବ୍ୟଥା ଲାଗିଛି ?

ନାର ।—ଦେଖିଲ ? ଏତେ ସୁନ୍ଦର ପୁରୁଷ ବିନା ଦୋଷରେ ନିର୍ଜନ ଗୃହରେ ବନ୍ଦୀହୋଇ ରହିଛି । ଧନ୍ୟ ସେ ରାଜା । ବିବାହ ନିମନ୍ତେ ଅସ୍ୱୀକାର କଲାରୁ ଏହାର ପିତା ଏହି ଦଣ୍ଡ ଦେଇ-ଛନ୍ତି । ବିଚାର କରିଲ ଏପରି ସୁନ୍ଦର ଆଉ ତ୍ରିଭୁବନରେ କିଏ ଅଛି ?

ରାଗ ମୁଖାରୀ । ତାଳ ଝିପ୍ଟା ।

ଏପରି ସୁନ୍ଦର ନର, ଶୋଇଅଛି ଶଯ୍ୟାପର । ଘୋଷା ।
ଦେଖି ଏ ରୂପର ଶୋଭା, ମନ କା ନୋହିବ ଲୋଭା ।
ହରଙ୍କୁ ଜିଣିଛି ଛବି, ବିହି କି ଗଢିଛି ସ୍ୱକି । ୧ ।

ଅତି ସୁକୁମାର ତନୁ, ଦେଖିଲେ ନ ଯିବି ମନୁ ।
ଜବାପୁଷ୍ପ ଅଧର ତା, ଫୁଟି ଦଶେ କ ଶୋଭିତା ।୨।
ଆହା କ ସୁନ୍ଦର ଶ୍ରୀମୁଖ, ଜିଣିଛୁ ତାମ୍ବୁଳାମୃକ ।
ପଡିଲେ ତହିଁ ନୂପୁର, କ ସୁଖେ କରେ ସିଦ୍ଦନ । ୩ ।
ବିବା ରୂପକାର ସଞ୍ଚି, ଦେଖାଇବାପାଇଁ ବନ୍ଧୀ ।
ଏପରି ରୂପ ବହିଛି, ଯାହିଁଲେ ମନ ମୋହୁଛି । ୪ ।

ସୂର ।— ହଁ ତୁମର ବଚନ ସତ୍ୟ, କିନ୍ତୁ ମୁଁ ଯେଉଁ ରାଜକୁମାରୀଙ୍କ ଚନ୍ଦନ ନଗରରେ ଦେଖିଛି, ତାହାର ରୂପଲାବଣ୍ୟକୁ ଏ ରାଜକୁମାର ସର ହେବ ନାହିଁ । ସେ ମଧ୍ୟ ବିବାହ ହେବାକୁ ଅସ୍ୱୀକାର କରିବାରୁ କାରାବାସ ଦଣ୍ଡକୁ ଲଭିଛି । ମୁଁ ତାର ରୂପଲାବଣ୍ୟକୁ ବର୍ଣ୍ଣନ କରି ପାରିବ ନାହିଁ । ଯେବେ ତାହା ଉପରେ ତୁମର ଦୃଷ୍ଟି ପାତ ହେବ ତେବେ ବୋଧ ହୁଏ ସେ ରୂପଲାବଣ୍ୟକୁ ଅଧିକ ବୋଲି ସ୍ୱୀକାର କରିବ ?

ମାର ।— ହଁ ଏ ରାଜକୁମାରଠାରୁ ସେ ରାଜକୁମାରୀ ଓ ଅନ୍ୟ କୌଣସି ଲୋକ ରୂପଲାବଣ୍ୟରେ ଏହି ସଂସାରରେ ସମ ହେବା କମିତ୍ର ନାହାନ୍ତି, କ ହେବେ ନାହିଁ ।

ସୂର ।— ଅହୁରେ ! ତୁମ୍ଭେ ସେ ରାଜକୁମାରୀଙ୍କ ଦେଖି ନ ଥିବାରୁ ଏପରି କହୁଛ ମାତ୍ରକ ମୁଁ ସେ ରାଜକୁମାରୀର ରୂପବର୍ଣ୍ଣନ କରୁଛି ଶୁଣ ।

ମାର ।— କହ ।

ସୂର ।— (ଗୀତ)

ଗୌରଚନ୍ଦ୍ରିକା । ତାଳ ଏକତାଳୀ ।
ନୀଳୋତ୍ପଳକୁ ଧିକ୍କାର କରଇ ନୟନ
ଲୁଟିଲ କୁନ୍ତଳ ଜିନୁଅଛି ନୀଳଘନ ।

ଭ୍ରୂଲତାଯୁଗଳ କାମଧନୁର ଆକାର
ଭଙ୍ଗିରେ କ୍ଷଣକେ ମୋହିଦେବ ଜନପୁର ।
ସୁନ୍ଦର ଦିଶୁଛି କ୍ଷୀଣକଟୀ ଲୁତ ବେଳ
ଭୁଟିବ ଧଇର୍ଯ୍ୟ ଧର ରହିବେ କ ମୁନି ।
ଦାହକ ତ୍ୱନଙ୍କ ପର ଦିଶଇ ଶରୀର
ସଂସାରେ ଅଟଇ ସେହି ଶୋଭାର ଭଣ୍ଡାର ।

ଏପରି ରୂପରେ ସେ ରାଜକନ୍ୟା ପରିପୂର୍ଣ୍ଣ ହୋଇଛି ।

କାମୁ ।—ତୁମ୍ଭେମାନେତ ବଡ ଗହଳ କରୁଛ । ମାଡ଼ିଗୋଳ ଲଗାଉଛ କି ? ମୋତେ ଅଳ୍ପ ବସ୍ତାଇ କହ ଶୁଣି କର୍ଣ୍ଣ ପବିତ୍ର କରିବ । ହାଃ ହାଃ ହାଃ !

କାଳ ।—ହେ କାମୁକ ମୁଁ ଏହି ରାଜକୁମାରୀକୁ ଅତ୍ୟନ୍ତ ସୁନ୍ଦର ବୋଲି କହୁଚି । ଏ ଗନ୍ଧର୍ବ ଚନ୍ଦନ ନଗରର ଏକ ରାଜକୁମାରୀକି ଏହାଠାରୁ ଅତି ସୌନ୍ଦର୍ଯ୍ୟବତୀ ବୋଲି କହୁଚନ୍ତି । ତୁମ୍ଭେ ସୁତରାଂରେ ବିଚାର କରିଛ—ଏ ରାଜକୁମାରୀକୁ ବଳି ସୁନ୍ଦର ପଣରେ ଆଉ କିଏ ଅଛି କି ?

କାମୁ ।—ତୁମ୍ଭେ ଯାହା କହିଲ ସତ୍ୟ । ମାତ୍ର ଆମ୍ଭେ ସେ ରାଜକୁମାରୀକି ଦେଖି ନାହୁଁ କି ତୁମ୍ଭେ ଦେଖି ନାହିଁ ? ତୁମ୍ଭେ କେଉଁପରି କହୁଛ ଯେ ଏ ରାଜକୁମାର ଅତ୍ୟନ୍ତ ସୁନ୍ଦର । ମୋତେ ବୋଧ ହୁଏ କବିମାନେ କବିତାରେ ଯାହା କହିକହିଛନ୍ତି କି "ଯାହା ମନ ଯହିଁ କି ରୂପେ ତାହା ବିନା ତାକୁ ଅନ୍ୟ ନ ଦିଶେ" ସେ କଥା ତୁମ୍ଭେମାନେ ଅନୁସରିଛ । ଅତଏବ ମୁଁ ଗୋଟିଏ ଉପାୟ କହୁଛି କରିବ ?

କାଳ ଓ ସୁର ।—ଉପାୟ ?—କହ କହ, ଉତ୍ତମ ହେଲା ।

ଜୀମୂ ।—ଚନ୍ଦନ ନଗରଠାରୁ ରାଜକନ୍ୟାମାନଙ୍କୁ ଆଣ, ଏକ ଶଯ୍ୟାପରେ ରଖିଲେ ସୌନ୍ଦର୍ଯ୍ୟର ଜଣା ଅଧିକ ଜଣା ପଡ଼ିବ ।—ଏପରି କରିବ କି ?

ମୀର ।—ଆଚ୍ଛା, ଉତ୍ତମ ହେଲା । ସୁରସେନ ! ଚନ୍ଦନ ନଗରକୁ ଯାଇ ରାଜକନ୍ୟାମାନଙ୍କୁ ଏଠାକୁ ନେଇ ଆସ—ସୌନ୍ଦର୍ଯ୍ୟର ତୁଳନା କରିବା ।

[ସୁରସେନର ପ୍ରସ୍ଥାନ ।

ଜୀମୂ ।—ହେ ଅପ୍ସରେ ! ମୁଁ ଯାଉଛି ।

ମୀର ।—କାହିଁକି ଯିବ—ସୌନ୍ଦର୍ଯ୍ୟର ତୁଳନା କରିବ ପରା ?

ଜୀମୂ ।—ହିଁ ଦେଖିବାକୁତ ଇଚ୍ଛା ଅଛି—ମାତ୍ର ମୋର ଭାର୍ଯ୍ୟା ବଡ଼ ପତିବ୍ରତା, ସେ ରାତ୍ରରେ ବୁଲି ଆସି ମୋତେ ସେବା କରେ—ସେ ଆସିବା ପୂର୍ବରୁ ମୁଁ ପାଣିତତା, ଚନ୍ଦନଘୋରା ଇତ୍ୟାଦି କାର୍ଯ୍ୟ ଶେଷ କରିଥାଏଁ ଓ ତିନ୍ଙ୍କୁ ଧରିବାକୁ ଅଛି । ମୁଁ ଏହା ନ କରିବତ ନୂଆ ଝାଟୁଣିରେ ମାଡ଼ ଖାଇବ ।

ମୀର ।—ତେବେତ, ତୁମ୍ଭର ଭାର୍ଯ୍ୟା ବଡ଼ ପତିବ୍ରତା ! ଯାଅ ଯାଅ, ତୁଚ୍ଛା କାହିଁକି ନୂଆ ଝାଟୁଣିରେ ମାଡ଼ ଖାଇବ ।

[ଜୀମୂତବାହନର ପ୍ରସ୍ଥାନ

[ସୁରସେନର ଚନ୍ଦନନଗର-ରାଜକୁମାରୀ ହେମଲତାକୁ ଶଯ୍ୟୋପରିସେନ ପ୍ରବେଶ ଓ ରାଜକୁମାରର ଶଯ୍ୟା ନିକଟରେ ରାଜକୁମାରୀର ପଲ୍ୟଙ୍କ ସ୍ଥାପନ କରଣ ।

ସୁର ।—ହେ ଅପ୍ସରେ ! ଦେଖିତ ରାଜକୁମାରୀ ସୌନ୍ଦର୍ଯ୍ୟରେ କେଉଁ ପର ଅଟେ, ଏହା ସଙ୍ଗେ ରାଜକୁମାରର କାହିଁ ତୁଳନା ହେବ ?

ନୀର ।—ତୁମ୍ଭେ ଚକ୍ଷୁ ଥାଉଁ ଅନ୍ଧ ହେଉଅଛ କି ? ଉତ୍ତମରୂପେ ଦେଖ · ରାଜକୁମାର ସଙ୍ଗେ ରାଜକୁମାରୀ ସମ ହେବ କି ? ମୋ ବିଚାରରେ ରାଜକୁମାର ରାଜକୁମାରୀଠାରୁ ଅଧିକତର ସୁନ୍ଦର ।

ସୁର ।—ଓହୋ ! ଏତ ପୁଣି ସେହି କଥା କହୁଛନ୍ତି । ବୋଧ ହୁଏ ଆମ୍ଭର ବିବାଦ ସହଜରେ ତୁଟିବ ନାହିଁ ।

ନୀର ।—ଉତ୍ତମରୂପେ ଦେଖ ।

ସୁର ।—ଦେଖିଲେ କଅଣ କରିବ ? ମଧ୍ୟସ୍ଥ ଜଣେ ହେବାର ଆବଶ୍ୟକ ।

ନୀର ।—ଉତ୍ତମ—ଅଶ୍ୱସେନଙ୍କୁ ଡାକିବ ?

ସୁର ।—ହଁ ! ଡାକ ।

ନୀରଦ ।—(ଉଚ୍ଚୈଃସ୍ୱରେ) ଅଶ୍ୱସେନ ! ଅଶ୍ୱସେନ ! (ଭୂମିରେ ପାଦତାଡ଼ନ ।)

ସୁରଞ୍ଜ ।—ଶୂଳ ।

[ଅଶ୍ୱସେନର ଭୂମି ଭେଦ କରି ଦଣ୍ଡାୟମାନ ।

ଅଶ୍ୱ ।—କିପାଇଁ ମୋତେ ଡାକିଲ ? କି କାର୍ଯ୍ୟ କରିବି ।

ନୀର ।—ହେ ଅଶ୍ୱସେନ ! ଏ ରାଜକୁମାର ଓ ରାଜକୁମାରୀଙ୍କୁ ଦେଖୁଛ । କାହାର ରୂପ ଅଧିକ ।

ଅଶ୍ୱ ।—(ଅଳ୍ପ ନିରୀକ୍ଷଣ କରି) ଦୁଇଜଣଙ୍କର ରୂପ ସମାନ ଅଟେ ଏପରି ମୁଁ ବୋଧ କରୁଛି । ଅତଏବ ଗୋଟିଏ ଉପାୟ କରିବା—କ୍ରମେ ଦୁହିଁଙ୍କି ଉଠାଇବା, ଯେଉଁ ଯାହାର ରୂପରେ ମୋହିତ ହେବ ସେ ତାହାଠାରୁ ଉତ୍କୃଷ୍ଟ ନୁହେଁ ବୋଲି ଜାଣିବ ।

ନୀର ।—ଠିକ କହୁଛ । ସୁରସେନ ! ଏପରି କଲେ ଉତ୍ତମ ହେବତ ?

ସୁର ।—ଭଲ ହେବ । ତେବେ ଆଉ ବିଳମ୍ବ କାହିଁକି ? ଶୀଘ୍ର ଉଠାଅ । [ଉଭୟଙ୍କର ଅନ୍ତର୍ଦ୍ଧାନ]

ମଦ ।— (ହଠାତ୍ ପର୍ଯ୍ୟଙ୍କୋପରୁ ଆସୀନ ଓ ଚତୁର୍ଦ୍ଦିଗ ନିରୀକ୍ଷଣ ଏବଂ ସୁନ୍ଦରକୁମାରୀଙ୍କର ଲାବଣ୍ୟ ଓ ମୁଖ ଦର୍ଶନ କରି ଆଶ୍ଚର୍ଯ୍ୟରେ କର୍ଣ୍ଣରେ ହାତ ଦେଇ) ଏ କଣ ! ଏକି ଆଶ୍ଚର୍ଯ୍ୟ ! ସ୍ୱପ୍ନ ନୁହେ ! (କିଛିକ୍ଷଣ ପର୍ଯ୍ୟନ୍ତ ଏକାନ୍ତ ନେତ୍ରରେ ନିରୀକ୍ଷଣ) ଏତ ସ୍ୱପ୍ନ ନୁହେ ? ଏକଥି ଏକା । କି ଆଶ୍ଚର୍ଯ୍ୟ ! ଏପରି ନିର୍ଜ୍ଜନ କାରାଗାରରେ କେଉଁ ନୂତନ ଉପସ୍ଥିତ ହେଲା ? ଏଠାରୁ ଯିବାକୁ ତ ବାଟ ନାହିଁ —ଦ୍ୱାରୀ ଦ୍ୱାର ମାଡ଼ି ବସିଛନ୍ତି । (ଆକାଶକୁ ନିରୀକ୍ଷଣ ପୂର୍ବକ) ହିଁ, ଏଥର ମୁଁ ଜାଣିପାରିଲି ଯେ ବିବାହ ନିମିତ୍ତ ଅସ୍ୱୀକାର କରିବାରୁ ପୂର୍ବରେ ମୋ ନିମିତ୍ତ ନିଶ୍ଚୟ କରିଥିବା ସ୍ତ୍ରୀ ମୋହର ମନ ବୁଝିବା ପାଇଁ ଏଠାରେ ଥିତା ରଖାଇଛନ୍ତି । ଅହୋ ଏପରି ସ୍ତ୍ରୀ ବୋଲି ଯେବେ ମୋତେ ପୂର୍ବରୁ ଜଣା ଥାନ୍ତା ତେବେ କାହିଁକି ବିବାହ ନିମିତ୍ତ ମୁଁ ଅସ୍ୱୀକାର କରିଥାନ୍ତି । ଅହୋ ! ବିଧାତା ଏହାକୁ ଏକାନ୍ତ ଚିତ୍ତରେ ଗଢ଼ିଛି ।

ରାଗ ସାବେରୀ । ତାଳ ଝୁଲା ।

ଏହି କନକାଙ୍ଗୀ ଛବି, କାହା ମନ ହେଲେଁ ନ ଯିବ ଦ୍ରବ । ଘୋଷା ।
ଅହା କି ଏ ମୁଖ ସୁଷମା, ଛାର ଟଲୁର ନ ହେବ ଉପମା ,
ହାଦ୍ ପାଦେ ପଦ୍ମ ଧରଣୀ ପଡ଼ିଛି ପୂର୍ଣ୍ଣଚନ୍ଦ୍ର ବସିଅଛି କାଳିମା ।୧।
ଅଳକାବଳି ଲଗି ହୋଇଛି ବାଲି, ଝଲକ ପଡ଼ୁଛି ଘାଅଙ୍ଗ ଝଳ,
ନବଘନ କୋଳେ ଦେଖି ମନ ମ୍ଲାନେ କବା ଉଡ଼ିରହିଅଛି ବିଜୁଳି ।
ପଲଙ୍କ ଅଙ୍କରେ ଜନକଶୋଭା, ପଦ୍ମଉଦ୍ଭବାନୁକ ଦର୍ପେ ମାଧୁରୀ ।
ଯାହାଙ୍କେ ନାସାପୁଡ଼ା ଫୁଲଉଠେ ମନମଥ ଯନ୍ତ୍ର ଚାଲିଲା ପରି ।୨।

(ଶଯ୍ୟାରୁ ଉଠି ରାଜକୁମାରୀର ହସ୍ତଧରି) ହେ ପ୍ରିୟେ, କାହିଁ ମୌନ ଭାବ ଧାରଣ କରିଅଛନ୍ତି ? ମୁଁ ତ ଦୋଷୀ, ଯେଉଁ କାଳେ ମୋର ପିତା ବିବାହ ନିମିତ୍ତ ଆଦେଶ ଦେଲେ ମୁଁ ନାସ୍ତି କରିଥିଲି ସେହି ଦିନରୁ ମୁଁ ହେ ପ୍ରିୟେ, ଆପଣଙ୍କ ସମ୍ମୁଖରେ ଦୋଷୀ ହୋଇଛି । ଏବେ ଆଉ ମୌନଭାବ ଧରି ଦଗ୍ଧ ପ୍ରାଣରେ ଘୃତ ଢାଳିବା କି ଭଲ ?

ରାଗ ଭୈରବୀ । ଆଠତାଳୀ ।

କରକଦଶନା ଅରେ କରକଦଶନା,
କର ନାରେ ଅନୁକମ୍ପା ନ ହୋଇ ବିମନା ।
କୁରଙ୍ଗୀସୁଦୃଶା ଅରେ କୁରଙ୍ଗୀସୁଦୃଶା,
କର ବାରେ ମନ୍ଦହାସ ବଢ଼ାଅ ଭରସା ॥
କନକବରନା ଅରେ କନକବରନା,
କ୍ଷୀଣୋଦାସେ କାହିଁ କ୍ଷୁଣ୍ଣ ଅନ୍ତରୁଁ ସିନା ।
କୁଞ୍ଚିତକୁନ୍ତଳା ଅରେ କୁଞ୍ଚିତକୁନ୍ତଳା,
କାମଜଳଧିରେ ମୋର ବୁଡ଼ୁଅଛି ଭେଳା ।

ହେ ପ୍ରିୟେ ଏତେ ମିନତି କଲି ତଥାପି ଆପଣଙ୍କର ଅଟଳ ପ୍ରତିଜ୍ଞା ଟଳେ ହେଲେ ଅନ୍ତର ହେଲା ନାହିଁ । ଯାହା ହେଉ ଆପଣତ ଅପଯଶଃ ଅର୍ଜିବେ । (ମୁଦ୍ରିକା ଅଙ୍ଗୁଳିରୁ କାଢ଼ି ରାଜକୁମାରୀର ଅଙ୍ଗୁଳିରେ ଦେଇ) ହେ ପ୍ରିୟେ ! ପରପୁରୁଷ ହୋଇ ଥିବା ମୋଠାରେ ମୌନଭାବ ଧାରଣ କରିଥିଲେ, ଏବେତ ମୁଁ ମୁଦ୍ରିକା ସହିତ ମୋର ପ୍ରାଣକୁ ଆପଣଙ୍କର ହସ୍ତରେ ସମର୍ପଣ କଲି ।

ଗୀତ ।

ରାଗ ଲୁଚିଆରି । ଏକତାଳୀ

ଅରେ ମଦାଳସି, ମୋ ଗଳାରେ ଅଣି ଛନ୍ଦ ବନ୍ଧୁପାଶ । ଘୋଷା ।
ନବଯୌବନା ତୋର ରୂପ ଦେଖି, ପିଛୁଳି ନ ପାରେ ମୋର ଆଖି,
ରହୁ ନାହିଁ ଦମ୍ଭ ସରଳ ଅରମ୍ଭ, କାମ ସରଭରେ ଗଲି ଭାଷି ରେ ।
ମରକତବେଣୀ ମଦାଳସୀ, ମନହାସ କରୁ ପଟୁକାଶି,
ନ ଚାହିଁଲେ ଥରେ ମାର ମୂର୍ଚ୍ଛେ ପଡ଼, ସଡ଼ ଯିବା କାହିଁ ହେଲା
ଅସି ରେ ॥

ହିଁ ମୁଁ ଜାଣିପାରିଲି ପ୍ରିୟା ଗାଢ଼ ନିଦ୍ରାରେ ନିଦ୍ରିତା ହୋଇଛନ୍ତି
(ଅପଣାର ଶଯ୍ୟୋପରି ମାୟାନିଦ୍ରାବଳେ ନିଦ୍ରିତ ।)

ପ୍ରେମ ।—(ନିଦ୍ରାଭଙ୍ଗ ଓ ଆଶ୍ଚର୍ଯ୍ୟରେ) ଚନ୍ଦ୍ରକାନ୍ତ ! ଚନ୍ଦ୍ରକାନ୍ତ ! (ଚତୁର୍ଦ୍ଦିଗ ନିରୀକ୍ଷଣ କରି ନବୀନ ଗୃହ ଅବଲୋକନେ ଆଶ୍ଚର୍ଯ୍ୟଭାବରେ) ହେ ବିଧାତଃ ! ମୋତେ କେଉଁଠାରେ ଆଣି ରଖିଛ ? ତେବେ ମୁଁ ବିବାହ ହେବା ନିମନ୍ତେ ଅସ୍ୱୀକାର କରିବାରୁ ମୋହର ପିତା ନୂତନ କାରାଗାର ନିର୍ମାଣ କରି ମୋତେ ଆଣି ରଖିଛନ୍ତି ? କି ହେଲା ?—କପାଳରେ ଯାହା ଅଛି ତାହା ହେବ ! (ହଠାତ୍ ରାଜକୁମାରଙ୍କୁ ଅନ୍ୟ ଶଯ୍ୟାପରେ ନିଦ୍ରାବସ୍ଥାରେ ଦେଖି ଆଶ୍ଚର୍ଯ୍ୟଭାବରେ ଅପଣାର ଶଯ୍ୟାରୁ ଉଠି ଦଣ୍ଡାୟମାନ ହୋଇ କିଛିକ୍ଷଣ ପର୍ଯ୍ୟନ୍ତ ଏକାନ୍ତ ନିରୀକ୍ଷଣ ପୂର୍ବକ) ଓହୋ ! ମୁଁ ଅନ୍ୟ ଏକ କାରାବାସରେ ରହିଥିଲି ଏବେ ମୁଁ କେଉଁପରି ଏଠାକୁ ଆସିଲି ? ଯେବେ ଆସିଲି ତେବେ ଏ ଯୁବକ କେଉଁପରି ମୋର ମନ୍ଦିରକୁ ଆସିଲେ ? ଏ ବଡ଼ ଆଶ୍ଚର୍ଯ୍ୟର ବିଷୟ ! ମୁଁ ମୋର ସଖୀଙ୍କି ବାରମ୍ବାର ଡାକିଲି

କିନ୍ତୁ କେହି ଶୁଣୁ ନାହାନ୍ତି,— ଅଛନ୍ତି କି ନାହିଁ କେଜାଣି ।
(ନେପଥ୍ୟେ ଦୃଷ୍ଟିପାତ କରି) ଚନ୍ଦ୍ରକାନ୍ତ ! ଚନ୍ଦ୍ରକାନ୍ତ !
କୁଆଡେ ଅଛ ଶୀଘ୍ର ଆ । କୌଣସି ଯୁବକ ଆସି ଏଠାରେ
ନିଦ୍ରାବସ୍ଥାରେ ପଡଛି । (କିଛିକ୍ଷଣ ପର୍ଯ୍ୟନ୍ତ ମୌନ ହୋଇ
ପୁଣି) ଚନ୍ଦ୍ରକାନ୍ତ ! ଚନ୍ଦ୍ରକାନ୍ତ ! କାହିଁ କି ଶୁଣୁ ନାହୁଁ ?
ଏଠାରେ ଚନ୍ଦ୍ରକାନ୍ତ କାହିଁ ? ପିତା କାରାଗୃହରେ ମୋତେ
ଏକା କଣ ରଖି ଦେଇ ଗଲେ ?— ମୋର କଷ୍ଟ ଦେଖି
ନୀଳାଚଳରୁ ପରମେଶ୍ୱର ଆସିଛନ୍ତି ! ମୁଁ ଏକା ଏ ସଂସା-
ରରେ ପୁଣ୍ୟବତୀ ! (କିଛିକ୍ଷଣ ପର୍ଯ୍ୟନ୍ତ ଏକାଗ୍ର ଚିତ୍ତରେ ରାଜ-
କୁମାରଙ୍କୁ ନିରୀକ୍ଷଣ କରି) ଏହାଙ୍କର ଚତୁର୍ଭୁଜ ନାହିଁ
କେଉଁ ପରି ପରମେଶ୍ୱର ବୋଲିହେବ ? ଅବା ଈଶ୍ୱର, ବ୍ରହ୍ମା,
ମଦନ ବୋଲନ୍ତି ମାତ୍ର ତାହାର ସଙ୍କେତ ଏହାଙ୍କଠାରେ ନାହିଁ ।
(ଶଯ୍ୟାପରେ ଆସୀନ ହୋଇ କିଛିକ୍ଷଣ ପର୍ଯ୍ୟନ୍ତ ମୌନଭାବେ
ରହି ପୁଣି ଦଣ୍ଡାୟମାନ ହୋଇ) ହଁ ଏବେ ଜାଣିପାରିଲି ଯେ
ମୁଁ ବିବାହ ନିମନ୍ତେ ଅସ୍ୱୀକାର କରିବାରୁ ଏଥି ପୂର୍ବେ ମୋତେ
ବିବାହ କରିବାକୁ ଚେଷ୍ଟା କରି ଥିବା ରାଜକୁମାରଙ୍କୁ ମୋର
ମନ ବଦଳିବା ନିମନ୍ତେ ପିତା ଏଠାରେ ଆଣି ରଖିଛନ୍ତି । ଅହା !
ଏ ତ ସୌନ୍ଦର୍ଯ୍ୟବାନ୍ ଦିଶୁଛନ୍ତି ! ଏପରି ପୁରୁଷ ନିମନ୍ତେ ମୁଁ
ଯାହା ନୋହିବି କରି !— ମୋଠାରୁ ବଳି ଭାଗ୍ୟ ଅଛିକି ଏ
ଏ ସଂସାରରେ ତାହା ? ଏପରି କାନ୍ତି ଦେଖିବାରେ ଏହାଙ୍କ
ଚିତ୍ତରେ କ୍ରୋଧ ଜନ୍ମିଥିବ ପରି ? ମାତ୍ର ମୁଁ ଏମନ୍ତ ପୁରୁଷ
ବୋଲି ଯେବେ ଜାଣିଥାନ୍ତି ତେବେ, କାହିଁକି ଶାସ୍ତି କର-

ଥାନ୍ତି ? ମୋର କପାଳରେତ ଏତେ ଦଶା ଲେଖିବାକୁ ଥିଲା—
ମୁଁ ଅଭାଗିନୀ କେଉଁପରି ସ୍ୱୀକାର କରନ୍ତି ?

ରାଗ କାଫି । ଏକତାଳୀ ।

ଏ ଲାବଣ୍ୟ ମୂରତି, ଦେଖିଲା ବେଳୁଁ ହରିଗଲା ମୋମତି । ଘୋଷା ।
କିବା ଏ ତ୍ରିଭୁବନ ନନ୍ଦନାନନ, ଶ୍ରୀମୁଖ ଶୋଭା ଜିଣେ ଶରଦ-ଘନ ।।
ବହି ବହିଲା କେତେ କଳପ ଭାବ, ଯୁବତୀଜନମନ-ମୋହନ ଛବି ।
ନାହିଁ ଆଉ ଏପରି ନାହିଁ ସୁଷମା, ଏପେନ ନ ମିଳନ୍ତି ଆଉ ଉପମା ।।
ଏବେ ଭାଗ୍ୟ କି ମୋର ବହି ପାରିବ, ଏ ଯୁବରାଜ ସଙ୍ଗେ ପ୍ରେମ ରଚିବ । ୪ । ନ କଲେ ପ୍ରିୟବରୀ ଏବସ ନଣି, ଖଟିବ ଖଟ ତଳେ ହୋଇଣ ଦାସୀ ନ ଥି ।

(ଆପଣାର ଅଙ୍ଗୁଳରେ ନୂତନ ମୁଦ୍ରିକା ଦେଖି) ମୁଁ କେଉଁ ଅଭାଗିନୀ—ଆପଣାର ପତିଙ୍କ ନ ଜାଣିଲି ଯାହା ଏଠାରେ ଛିଡ଼ା ହୋଇ ରହିଚ । ପ୍ରାଣନାଥ ! ମୁଁ ତ ସେ ପଦର ଦାସୀ ଯାହା ଦୋଷ ପଦ୍ମଚରଣରେ କରିଚ କ୍ଷମା ହେଉ ! (ରାଜକୁମାରିର ଶଯ୍ୟାରେ ପ୍ରବେଶ ଓ କର ଧରି ସକରୁଣ) ହେ ପ୍ରାଣନାଥ ! ମୁଁ ଭ୍ରମରେ ଯାହା ଦୋଷ କରିଚ ତାହା କ୍ଷମା କରନ୍ତୁ ! ହେ ପ୍ରାଣନାଥ ! ଏ ଆପଣଙ୍କର ଦାସୀ ପରା ? କ୍ରୋଧ କରିବା ଅବଧେୟ;—ହେ ପ୍ରାଣନାଥ ! ହେ ପ୍ରାଣନାଥ ! (ମୁଦ୍ରିକା ଅଙ୍ଗୁଳିରୁ ନେଇ ରାଜକୁମାରଙ୍କୁ ଫିଙ୍ଗାଇ ଦେଇ ମାୟା ନିଦ୍ରାବଳେ ରାଜକୁମାରଙ୍କ ଶଯ୍ୟା ପରେ ଶୟନ ।)

[ଗନ୍ଧର୍ବ ଓ ଅପ୍ସରା ଉଭୟଙ୍କର ପ୍ରକାଶ ।

ଗନ୍ଧ ।—ସୂରସେନ ! କୁମାରର ଶୋଭା ଦେଖିଲ ତ ?
ସୁର ।—ଦେଖିଲି, ମାନବ କୁମାରର ଶୋଭାକୁ ସମାନ ନାହିଁ ।
ଅପ୍ସ ।—ମୋତେ କାହିଁକି ଡାକିଛ ?

ଜଣାଇବ ଯେ ସେ ସ୍ତ୍ରୀ ସହିତ ଯୁବରାଜ ବିବାହ ହେବା କିମ୍ବା ସ୍ୱୀକାର କରୁଛନ୍ତି ?

ମନ୍ତ ।—(କୋପରେ ଦ୍ୱାରୀକୁ ଆକ୍ରମଣ କରି କୂପମଧ୍ୟକୁ ପେଲି ଦେଇ) ରେ ଚଣ୍ଡାଳ ! ଏବେ ତୁ ସେ ସ୍ତ୍ରୀର ସମାଚାର କହିବୁ କି ନାହିଁ ?

ଦ୍ୱାରୀ ।—ମହିମା ! ସେ ରୂପବତୀ ସ୍ତ୍ରୀର ସମ୍ବାଦ ମୁଁ ଜାଣେଁ । ଯଦି ଛାମୁଁ ମୋତେ ଏ କୂପଦଣ୍ଡରୁ ମୁକ୍ତ କରିବେ ତାହାହେଲେ, ରାଜାଙ୍କ ସମ୍ମୁଖେ ସେହି ରୂପବତୀ କନ୍ୟା ସହିତ ଛାମୁଙ୍କର ବିବାହ ହେବା ନିମନ୍ତେ ଜଣାଇବି ।

ମନ୍ତ ।—(ଦ୍ୱାରୀକି ମୁକ୍ତ କରି) ଏପରି ପୂର୍ବରୁ କିପାଁ କହିଲୁ ନାହିଁ ଏତେ ଦଣ୍ଡ ପାଇଲୁ ନାହିଁ କି ?

ଦ୍ୱାରୀ ।—ଆଜ୍ଞା ! ଛାମୁଁ ସେ ସ୍ତ୍ରୀପ୍ରତି କେତେ ଆସକ୍ତ ଅଛନ୍ତି ତାହା ଜାଣିବା ହେତୁ ମୁଁ ତୁନିହୋଇ ରହିଥିଲି ।

[ଦ୍ୱାରୀର ଧାଇଁ ଅନ୍ତର୍ଭାଗକୁ ଗମନ ଓ ପଟପରିବର୍ତ୍ତନ ।]

ଦ୍ୱିତୀୟ ଦୃଶ୍ୟ । ସଭାଗୃହ ।

[ବକୋଦରସିଂହ, ଶିଖଣ୍ଡିବାହନ ଓ ସଭାସଦବର୍ଗ ଆସୀନ]

ଦ୍ୱାରୀ ।—(ଉର୍ଦ୍ଧ୍ୱଶ୍ୱାସରେ ପ୍ରବେଶ କରି ସବିନୟ) ମହାରାଜ ! ମହାରାଜ ! ଯୁବରାଜ ଏକ ସ୍ତ୍ରୀକି ସ୍ୱପ୍ନରେ ଦେଖି ସେହି ସ୍ତ୍ରୀକି ଆଣିବାକୁ ମୋତେ ଆଦେଶ ଦେବାରୁ ମୁଁ ଜଣାଇଲି ଯେ କେଉଁ ସ୍ତ୍ରୀ ତାହାକୁ ମୁଁ ଜାଣେ ନାହିଁ, କେଉଁ ପରି ତାକୁ ଆଣିବି । ଏହା କହିବାରୁ ଯୁବରାଜ କୋପକରି କୂପକୁ ମୋତେ ପେଲି ଦେଉଥିଲେ, ମୁଁ ତାଙ୍କ ସମ୍ମୁଖରେ ଜଣାଇଲି ଏ ବିପଦରୁ ମୁକ୍ତ ହେଲେ

ରାଜାଙ୍କ ସମ୍ମୁଖରେ ଜଣାଇଁ ସେ ଶ୍ରୀଘ୍ର ଆସିବାର ବନ୍ଦୋବସ୍ତ କରାଇବ । ଏହା ବୋଲିବାରୁ ଛାଡ ଦେଲେ । ତାଙ୍କୁ ଠକଦେଇ ସମ୍ମୁଖୁ ଧାଇଁ ଧାଇଁ ପଳାଇ ଆସିଅଛି । ସମ୍ମୁରକ୍ଷା କୁ କଲେ ଯୁବରାଜ ମୋତେ ନିଶ୍ଚୟ ବକଶିସ୍ କରିବେ ।

ବଜ୍ରୋ ।—(ମନ୍ତ୍ରୀ ମୁଖକୁ ଚାହିଁ) ହାଃ ହାଃ ହାଃ ମନ୍ତ୍ରିନ୍ ! ଆମ୍ଭର ସୌଭାଗ୍ୟ ଆସି ଉପସ୍ଥିତ ହେଲା ।

ଶିଖ ।—ହଁ ଆଜ୍ଞା । ଦୂତ ସମ୍ମୁଖରେ ପ୍ରଥମରେ ଶୁଭବାର୍ତ୍ତା ଆଣି ଦେଲା—ଅତଏବ ଏ ଦୂତକୁ ପୁରସ୍କାର ଦେବା ଉଚିତ ।

ବଜ୍ରୋ ।—ଯଥାର୍ଥ ।—(ଦୂତକୁ ନିଷ୍ପାଲଙ୍କାର ପୁରସ୍କାର ପ୍ରଦାନ ।)

ବିଦୂ ।—ହୋଃ ହୋଃ ହୋଃ ଅନେକ ଆମ୍ଭର ମହାରାଜାଙ୍କର ଚକ୍ଷୁ ବନ୍ଧି ଅନ୍ଧତ ହୋଇଛି । ଦୂତ ପୂର୍ବରେତ ଜୋଡ଼ା ଯୋଡ଼ା ପୁରସ୍କାର ପାଇ ଥିଲା ପୁଣି ଦୂଇଁ ଟ ପାଇବାରୁ ପୁନର୍ବାର ପୁରସ୍କାର ପାଇଲା । ହେ ମହାରାଜ ! କେଉଁ ଜାଣିବାପଣିଆରୁ ଦୂତକୁ ପୁରସ୍କାର ଦେବାକୁ ନିଶ୍ଚୟ କଲେ ?

ଶିଖ ।—ଆପଣ ଜାଣି ନାହିଁ କି ଏ ଆମ୍ଭ ଯୁବରାଜଙ୍କର ଶୁଭ ସମ୍ବାଦ ଦେଲା ।

ବିଦୂ ।—ହାଃ ହାଃ ହାଃ ! ତୁମ୍ଭେତ ଅଚ୍ଛା ରାଜାକୁ ଆଚ୍ଛା ପାଲଭୁଣ୍ଡା ମନ୍ତ୍ରୀ ହୋଇଛ ?

ଶିଖ ।—କିପାଁ ?

ବିଦୂ ।—ଆଜ ଚାହିଁ କିପାଁ ବୋଲି ପଚାରୁଛ ? ଶୁଣ, ପୂର୍ବରେ ଯୁବରାଜ ସ୍ତ୍ରୀମାନଙ୍କୁ ଜନା କରି ବିବାହ ହେବାକୁ ଅସ୍ୱୀକାର କରୁଥିଲେ ଏବେ ସେମନ ଥାଇ ଅନ୍ୟମତ ହେଲା ।

ତୃତୀୟ ଦୃଶ୍ୟ — କାରାଗାର ।

ରାଜକୁମାର ଏକାକୀ ଆସୀନ ।

[ବକୋଦସିଂହ, ଶୈଖର୍ଣ୍ଣି ବାହନ ଓ ଦ୍ୱାରୀର ପ୍ରବେଶ]

ମଦ ।—(ଶଯ୍ୟାରୁ ଉଠି ପିତାଙ୍କର ପଦକମଳରେ ଦଣ୍ଡ ପ୍ରଣାମାନ୍ତେ କର ଯୋଡ଼ ଦଣ୍ଡାୟମାନ ।)

ବକୋ ।—ଯୁବରାଜ ! କାଲି ରାତିରେ କି ସ୍ୱପ୍ନ ଦେଖିଲ ? କି ନୀରବ ହୋଇ ରହିଲ ଯେ ? ମନ୍ତ୍ରିନ୍—ଆପଣ ପଚାରନ୍ତୁ ।

ଶୈଖ ।—ଯେ ଆଜ୍ଞା ।(ଯୁବରାଜଙ୍କ ମୁଖାବଲୋକନ କରି) ଯୁବରାଜ ! ଆପଣ କାହିଁକି ଉତ୍ତର ଦେଉନାହାନ୍ତି, ଯେବେ ଆପଣ ଉତ୍ତର ନ ଦେବେ ତେବେ ଆପଣଙ୍କର ପିତା କେଉଁପରି ଜାଣିବେ ?

ମଦ ।—ଗତରାତ୍ରିରେ ଏକ ରୂପବତୀ ସ୍ତ୍ରୀ ଏ ନିର୍ଜନ କାରାଗାରକୁ ଆସି ଶଯ୍ୟାପରେ ଶୟନ କରିଥିଲା । ତାକୁ ମୁଁ କେଉଁ ଦେଶରୁ ଆସିଛୁ ଓ ତୋହର ନାମ କି ବୋଲି ପଚାରିଲି ମାତ୍ର ଉତ୍ତର ଦେଲା ନାହିଁ । ସେ ଅଦ୍ଭୁତବର୍ଣ୍ଣ ବସନ ଧାରଣ କରିଥିଲା । ତାହାର ରୂପବର୍ଣ୍ଣନା କରି ପାରିବ ନାହିଁ । ଛମୁଁ ଯେବେ ମିଥ୍ୟା ବୋଲନ୍ତି ତାହା ହେଲେ ସେ ସ୍ତ୍ରୀର ମୁଦ୍ରିକାଦ୍ୱାରା ଛମୁ ସବୁ ଜାଣି ପାରିବେ । ଅତଏବ ସବିନୟ ପୂର୍ବକ ପ୍ରାର୍ଥନା କରେଁ ଯେ ସେ ସ୍ତ୍ରୀ ସହିତ ମୋର ବିବାହ ହେବା ନିମିତ୍ତ ଆଦେଶ ମିଳୁ (ଅଙ୍ଗୁଳିରୁ ମୁଦ୍ରିକା ଫେଡ଼ି ରାଜାଙ୍କର ଚରଣ ତଳେ ସ୍ଥାପନ ।)

ବକୋ ।—(ମୁଦ୍ରିକାକୁ ହସ୍ତେ ଧରି) ହିଁ ଏ ମୁଦ୍ରିକା ବହୁମୂଲ୍ୟ ଘଟେ, ବୋଧ ହୁଏ କୌଣସି ଅପ୍ସରା ମାୟାବଳେ ଏଠାକୁ ଆସି ତୁମ୍ଭ ମନ ଉଚାଟ କରିବା ନିମନ୍ତେ ଏ ମୁଦ୍ରିକା ଦେଇ

ଆକାଶ ମାର୍ଗେ ଗମନ କଲା । ଏବେ ମୁଁ ସେହି ଅପ୍ସରାକୁ କେଉଁ ପରି ଆଣି ତୁମ୍ଭଙ୍କୁ ବିବାହ କରାଇବି ? ତୁମ୍ଭେ ସେହି ଅପ୍ସରାର ମାୟାବଳରୁ ଏହି ବିଘ୍ନମାନ ଆଣିଛ, ଶୀଘ୍ର ତ୍ୟାଗ କରି ସ୍ୱବୁଦ୍ଧି କର । ମୁଁ ଆଗତମାସ ଶୁକ୍ଳ ଦ୍ୱିତୀୟା ଦିନ ଅତି ରୂପବତୀ ରାଜକୁମାରୀ ସହିତ ତୁମ୍ଭର ବିବାହ କରାଇବି ।

ମକ ।—ଯାହା ଆଜ୍ଞା କଲେ ତାହା ଶିରୋଧାର୍ଯ୍ୟ, କିନ୍ତୁ ଯେଉଁ ଯାହାକୁ ଅପ୍ସରା ଜ୍ଞାନ କରିଛନ୍ତି ସେ ସ୍ତ୍ରୀ ସହିତ ମୁଁ ଗାନ୍ଧର୍ବ ବିବାହ କରିଛି—ଏବେ କିପରି ଅନ୍ୟ ରାଜକୁମାରୀ ସହିତ ବିବାହ ହେବି ? ଅତଏବ ହେ ମହାରାଜ ! ମୋତେ ଅନ୍ୟ ବିବାହ କରିବାକୁ ଆଦେଶ ନ ଦେଇ ସେହି ସ୍ତ୍ରୀର ଅନୁସନ୍ଧାନରେ ଯିବାକୁ ଆଦେଶ ମିଳୁ ।

ରାଜା ।—ସେ ସବୁ ମାୟାର କାରଣ ଅଟେ । ତୁମ୍ଭେ କାହିଁକି ଭ୍ରମରେ ପଡ଼ିଛ ? ମୃଗତୃଷ୍ଣାରୁ ଜଳପାନ କରିବା କି ନ୍ୟାୟ-ସିଦ୍ଧ !

ମକ ।—ହେ ମହାରାଜ ! ସେ ସ୍ତ୍ରୀ ସହିତ ଈଶ୍ୱର ମୋର ଗୁଣାନୁବନ୍ଧନ କରିଅଛନ୍ତି । ନଚେତ ସେ ଏପରି ନିର୍ଜନ ଅଟ୍ଟାଳିକାକୁ କେଉଁ ପରି ଆସନ୍ତା ? ଈଶ୍ୱର ତାହାକୁ ଏଠାକୁ ଆଣିଥିଲେ ଓ ଏବେ ତାହା ସହିତରେ ନିଶ୍ଚୟ ମୋହର ବିବାହ କରାଇବେ । ଅତଏବ ହେ ମହାରାଜ ! ମୋତେ କ୍ଷମା ଆଜ୍ଞା ହେଉ—ସେ ସ୍ତ୍ରୀ ବ୍ୟତିରେକେ ମୁଁ ଅନ୍ୟ ବିବାହ କରିବି ନାହିଁ । (ରାଜାଙ୍କ ପଦତଳେ ପତନ ।)

ବନୋ ।—ଯୁବରାଜ! କାହିଁକି ମୋତେ ଦୁଃଖ ଉପରେ ଦୁଃଖ ଦେଉଛ ? ପୂର୍ବରେ କହିଥିଲ କି ମୁଁ ବିବାହ ହେବି ନାହିଁ—

ଏବେ ଜାଣୁଛି କି ସ୍ୱପ୍ନରେ ଦେଖିଥିବା ସ୍ତ୍ରୀକୁ ବିବାହ ହେବ, ଅନ୍ୟ ସ୍ତ୍ରୀକି ବିବାହ ହେବ ନାହିଁ ! (ଆକାଶ ନିରୀକ୍ଷଣ) ହେ ପରମେଶ୍ୱର ! କି କରୁଅଛ ? ମୁଁ ତୋଠାରେ କି ଦୋଷ କରିଛି ଯେ ମୋହଠାରେ ଏଡ଼େ ନିଷ୍ଠୁର ହୋଇ ମୋର ନବୀନ କୁମାରଙ୍କୁ ଏପରି କୁସ୍ୱପ୍ନମାନ ଦେଇ ଏହି ସଂସାରରେ ମୋହର ଭେଳା ବୁଡ଼ାଇବାକୁ ବସିଲୁଣି ।

ମନ୍ତ୍ରୀ ।—ହେ ପିତଃ ! ଏପରି ବୃଥା ଚିନ୍ତା କରିବା ଉଚିତ ନୁହେ । ଈଶ୍ୱର ଅବଶ୍ୟ ଘଟନା କରିବେ — ମୋର୍ ଏମନ୍ତ ଆଶା ହୁଏ । ଆପଣଙ୍କର ଏ ଦୁଃଖ ଦେଖି ମୋର ପ୍ରାଣ ବ୍ୟାକୁଳ ହେଉଛି — ମୋର ଦୋଷ କ୍ଷମା ହେଉ (ବଦ୍ଧାଞ୍ଜଳିପୁଟରେ ଦଣ୍ଡାୟମାନ ।)

ରାଜା ।— ମନ୍ତ୍ରିନ୍ ! ଯୁବରାଜ କିପରି ବଞ୍ଚିବେ ? ଏହାର ବଚନାଗ୍ନିରେ ମୋର ହୃଦୟ ଦଗ୍ଧ ହେଉଛି । ହାୟ ! ହାୟ ! ହାୟ !

ଦେଶ ।—ମହିମା ! ସତ୍ୟ, ଏପରି ସୁନ୍ଦର ଅଟଳ ପ୍ରତିଜ୍ଞା ଭୁଜ-କଥାରେ ଦେଖିଲେ କେଉଁ ପିତା ଧୈର୍ଯ୍ୟ ଧରିପାରିବ ? ମୋତେ କୌଣସି ବୁଦ୍ଧି ଦିଶୁ ନାହିଁ । ତୁମ୍ଭଙ୍କର ଯେ ଆଜ୍ଞା ।

ରାଜା ।— ମନ୍ତ୍ରିନ୍ ! ମୁଁ ତ କହି କହି ଥକି ଗଲିଣି ତୁମ୍ଭେ ଥରେ ହେଲେ କହ ଯେପରି ସେ ଏପରି କୁସ୍ୱପ୍ନମାନ ତ୍ୟାଗ କରିବ ।

ଶିଷ ।—(ଯୁବରାଜଙ୍କର ମୁଖାବଲୋକନ କରି) ଯୁବରାଜ ! ପିତାଙ୍କ ଆଜ୍ଞା ଭଙ୍ଗ କଲେ 'କେତେ ପାପ ହୁଏ ତାହା ଏ ଅଧୀନ ଆମ୍ଭରେ କହିଣ କହାଇବିଂ; ଆମ୍ଭୁ ସକଳ ଶାସ୍ତ୍ରଜ୍ଞତା ଓ ସ୍ୱବେତନ ମାତ୍ର ଅଧୀନର ନିବେଦନ ଗ୍ରାହ୍ୟ ହେଲେ ଆମ୍ଭରେ ନିବେଦନ କରିବ ।

ମନ୍ତ୍ରୀ ।—ମନ୍ତ୍ରିନ୍ ! କହ ।

ଶିଖ ।—ଯୁବରାଜ ! ଆପଣ ଏବେ ଭୁବଙ୍ଗରମାନ ତ୍ୟାଗ କରି ସୁବ-ସ୍ୱରରେ ଏକରାଜକୁମାରୀଙ୍କର ପାଣି ଗ୍ରହଣ କରି ସିଂହାସନ ରକ୍ଷା କରନ୍ତୁ ଏବଂ ମହାରାଜାଙ୍କର ଆନନ୍ଦ ବର୍ଦ୍ଧନ କରନ୍ତୁ ।

ମନ୍ତ୍ରୀ ।—ହଁ ମୁଁ ଜାଣିପାରିଲି ଯେ ମୋର ନାଶ ହେବାର ଦିନ ଉପସ୍ଥିତ ହେଲା । ତୁମ୍ଭେ ମୋତେ ଆଉ ଏବଂସ୍ୱରେ ବନ୍ଧୁ କହ ନାହିଁ । ମହାରାଜା ବନ୍ଦୀଜନମାନ କରିଥିବା ହେତୁ କ୍ଷମା ପାଇ ଗଲ୍ଲ ନଚେତ୍ ଯଥୋଚିତ ଦଣ୍ଡ ଦିଆ ଯାଇଥାନ୍ତା । (ସକ୍ରୋଧେ) ସାବଧାନ ! ଏଣିକି ଆଉ ଏପରି ଆମ୍ଭଙ୍କୁ କହିବ ନାହିଁ ।

ଶିଖ ।—(ଏକାନ୍ତରେ ରାଜାଙ୍କୁ) ମହାରାଜ ! ଯୁବରାଜଙ୍କ ଚିତ୍ତ ଚଞ୍ଚଳ ହୋଇଗଲା ଅତଏବ ଛାମୁ ତାଙ୍କ ଉପରେ ରାଗାନ୍ୱିତ ହେବାର ମୁଁ ଉଚିତ ବୋଧ କରେ ନାହିଁ, କାରଣ ସେ ହେତୁ ସେ ପ୍ରାଣ ହରାଇବାକୁ ଉଦ୍ୟତ ହେବେ । ଯେଉଁପରି ହେଲେ ଯୁବରାଜଙ୍କୁ ଜାଗ୍ରତ କରି ରଖିବାର ଆବଶ୍ୟକ ।

ରାଜା ।—ଯୁବରାଜ ! ଯେବେ ବୁଝାଇଲେ ବୁଝିଲ ନାହିଁ । ଆଚ୍ଛା ଉତ୍ତମ ହେଲା । ତୁମ୍ଭେ ଆନନ୍ଦରେ ଥାଅ, ମୁଁ ସେହି କନ୍ୟାକୁ ଖୋଜାଇ ବିବାହ ଦେବ । (ମନ୍ତ୍ରୀମୁଖ ଚାହିଁ) ମନ୍ତ୍ରିନ୍ ! ଏବେ ବୈତରଣୀ ନଦୀତଟରେ ଗୃହ ନିର୍ମାଣ କରାଇ ଯୁବରାଜଙ୍କୁ ରଖ ।

ଶିଖ ।—ଯେ ଆଜ୍ଞା ।

ଯବନିକାପତନ ଓ

ସପ୍ତସଖୀଙ୍କର ନୃତ୍ୟ ।

———

ତୃତୀୟ ଅଭିନୟ ।

(ଚନ୍ଦନ ନଗର ।)

ପ୍ରଥମଦୃଶ୍ୟ । ପ୍ରେମଲତାର ଶୟନାଗାର ।

[ପର୍ଯ୍ୟଙ୍କୋପରେ ପ୍ରେମଲତା ନିଦ୍ରିତା ।]

ପ୍ରେମ ।—(ନିଦ୍ରାଭଙ୍ଗାନ୍ତେ ଆପଣାର ଶଯ୍ୟାରେ ପ୍ରଭୁଙ୍କୁ ନ ଦେଖି ମହାଶଙ୍କାରେ ଶେଜ ଓଲଟାଇ ପଲଙ୍କର ଚତୁର୍ଦ୍ଦିଗ ନିରୀକ୍ଷଣ କରଣ ।)

[କର୍ପୂରମଞ୍ଜରୀ ଓ ଚନ୍ଦ୍ରକାନ୍ତି ସଖୀଦ୍ୱୟର ପ୍ରବେଶ ।

କର୍ପୂ ।—କେମା ! କେମା ! ଏ କଅଣ କରୁଚ ? ଶେଯ ଯାକ ଏଆଡେ ସେଆଡ଼େ ଫିଙ୍ଗି ଦେଲ । ଅଲଙ୍କାର କଣ ଯାଇଚ କି ? ତୁମ୍ଭ ସଙ୍ଗରେ ମୁଁ ଖୋଜେଁ ।

ରାଗ ପରଜ । ଏକତାଳ ।

ରେ ସଙ୍ଗାତ ଆଜ ଏ କ ତୋର ରୀତ । କୁଟିଳ-କୁରଙ୍ଗୀ-
ଭଙ୍ଗି କେ କୃଶାଙ୍ଗି ଶିଖିଲ ଅଛୁ ତୋ ମତି । ଘୋଷା ।
ସୁରମ୍ୟ କବରୀ ଫିଟି ତୋର କିରୁ ଚରମେ ଲୋଟି
ଭୁଜଙ୍ଗୀ । ଅନାଇଲେ ଥରେ ଅନାସ୍ଥିରରେ ଯୋଗୀ
ଯୋଗ ଦେବ ତ୍ୟଜି । ୧ ।
ଆହା ଶୁକ୍ଳରୁଚି ଅଙ୍ଗ ତୋର ଲୁଟି ଯିବାକୁ ଶ୍ରୀମୁଖ ତୋର ।
ଦଶେ ବନ୍ଧୁ-ମୁଖ ମୁକୁଳ ଅସିତା ସମ୍ପୂର୍ଣ୍ଣ ସୁଧାଂଶୁ ପରି ।୨।
ସୁଧାକର ଖଣ୍ଡ ପରି ଏକ ଗଣ୍ଡମଣ୍ଡଳୀ ମନ୍ଦସ୍ମିତରେଖା ଧ
ଳିଭ ଯାଇ ପୁଣି କମ୍ପାଧର ଶୋଭା ଏବେ କି ଯାଏ
ଦେଖା । ୩ ।

ଚଞ୍ଚଳ ଖଞ୍ଜନ, ମଞ୍ଜୁମଞ୍ଜନ ରଞ୍ଜନ ନୟନ ଠାରି । କର୍ପୀ
ଆଜ ଭଣା ଅଛେ ବଚକ୍ଷଣ ଗଣ୍ଡେ ମଣ୍ଡିଅଛୁ ପାଣି । ୪ ।

ପ୍ରେମ ।—(କର୍ପୂରମଞ୍ଜରୀଙ୍କ ଦେଖି ଲଜ୍ଜିତା ।)

କର୍ପୂ ।—ମୋତେ ଦେଖି କାହିଁକି ଭୀତ ହୋଇ ଉଠିଲ ? ଆଜ ନିଦରେ ସ୍ୱପ୍ନ ଦେଖି ବିହ୍ୱଳ ହୋଇ ଉଠିଥିଲ ?

ଚନ୍ଦ୍ର ।—ଅଲୋ କର୍ପୂରମଞ୍ଜରି, କି ଦେଖ ? କି ଦେଖ ? ଆଜ ସବୁ ଭିନ୍ନ ଭିନ୍ନ ଦିଶୁଛି ।

କର୍ପୂ ।—ମୋତେ ମଧ୍ୟ ସେହିପରି ଦିଶୁଛି ।

ଚନ୍ଦ୍ର ।—ତୁ ନେମାଙ୍କୁ ଦେଖି ଦେଖି ଅନ୍ଧ ହେଉଛୁ, ନେମାଙ୍କ ରୂପକୁ ହିଁ କେବଳ ଭଲ କରି ଦେଖ । —ଅବସ୍ଥାନ୍ତରେ ଭିନ୍ନ ଭିନ୍ନ ରୂପକୁ ଧାରଣ କରିଛି, ସିନ୍ଦୂରବିନ୍ଦୁ ମଳିନ ହୋଇଛି, ନେତ୍ରାଞ୍ଜନ ଧୌତ ହୋଇଛି, ଶାଢ଼ୀ ପିଟିଯାଇଛି—ଏପରି ବେଶମାନ ଦେଖୁଁ ଦେଖୁଁ ତୁ ବୁଝି ପାରୁ ନାହୁଁ କି ଏ କୌଣସି ପରପୁରୁଷଠାରେ ଆସକ୍ତ ହୋଇ ଏପରି ଦଶାକୁ ପ୍ରାପ୍ତ ହୋଇଛନ୍ତି ?
[କର୍ପୂରମଞ୍ଜରୀ ଓ ଚନ୍ଦ୍ରକାନ୍ତର ତାଳି ବଜାଇ ହାସ୍ୟ ଓ ପ୍ରେମଲତାର ନେତ୍ରରୁ ଅଶ୍ରୁ ପତନ ।

କର୍ପୂ ।—ନେମା ! ତୁମ୍ଭେ କାହିଁକି କାନ୍ଦୁଛ ? ଏ ମା ! ଏପରି ହେଲେ କି ହେବ ? କି ହେଲା ? କିଏ କଅଣ କହିଲା କି ? ଚନ୍ଦ୍ରକାନ୍ତ ଏଠାକୁ ଆସି ପରିହାସ କରୁଛି ! ଚନ୍ଦ୍ରକାନ୍ତ ! ତୁ କାହିଁକି ପରିହାସ କଲୁ ? ଏବେ ନେମା କାନ୍ଦୁଛନ୍ତି । ଏବେ ତୁଣ୍ଡି-ହୋଇଲେ ମୁଁ ମା ପାଖରେ ଯାଇ ଜଣାଇଦେବି ।

ଚନ୍ଦ୍ର ।—(ପ୍ରେମଲତାକୁ କରି ଧରି) ନେମା ମୁଁ କି ଜାଣି ତୁମ୍ଭଙ୍କ ଏପରି କହିଦେଲି ତାହା ତୁମ୍ଭେ କି ସହି ରୁଷ୍ଟ ହେଲ ?—

ଏପରି ହେଲେ ତୁମ୍ଭ ନିକଟରେ ଆଉ ଆମ୍ଭେମାନେ ରହି ପାରିବୁଁ ? ସବୁ ଦିନତ ଏପରି ପରିହାସ ହେଉଥାଏ ଆଜି ତୁମ୍ଭେ ରାଗିବ ବୋଲି ଜାଣି ନ ଥିଲି । କେମା ! ତାହିଁ କି ଜାଣୁଛ ? ଘଣ ଅଛି ଜାନ ନାହିଁ ।

ପ୍ରେମ ।—ସଖି ! କାଲି ବାଡ଼ିରେ ଯେଉଁ ଘଟଣା ହେଲା ତାହା ମନେ ହେଲେ ଏ ସମ୍ପତ୍ତି ତୁଚ୍ଛ ଜ୍ଞାନ ହେଉଛି ।

ଚନ୍ଦ୍ର ଓ ହର୍ଷ ।—କେମା ! ମୋତେ କ୍ଷମ କେମା ! ମୋତେ କ୍ଷମ !!

ପ୍ରେମ ।—ହେ ସଖି ! ମୁଁ କିପରି କହିବ ? କହିଲା ବେଳକୁ ଶୋକ-ରେ ମନ ଘାଣ୍ଟିହେଉଛି ।

ଚନ୍ଦ୍ର ।—କେମା ! କିପରି କଥା ?

ପ୍ରେମ ।—ଏହି ଉଆଁସରେ ଏକ ରୂପବନ୍ତ ପୁରୁଷ ଅନ୍ୟ ସନ୍ଧ୍ୟାରେ ଏକ କଦଳୀ ବୃକ୍ଷରେ ବନ୍ଧ୍ୟାବସ୍ଥାରେ ଥିଲା । ଅହା ! ସେ ପୁରୁଷର ରୂପ ମୁଁ କିଅଣ କହିବ—ଦେଖିଲା ବେଳରୁ ମୋର ଚିତ୍ତ ହାଟିର ହୋଇଛି ! ଯେବେ ତୁମ୍ଭେ ମିଥ୍ୟା ବୋଲି (ଅଙ୍ଗୁଳି ଦେଖାଇ) ତେବେ ମୁଦି ଦେଖ । ତାହା ସହିତରେ ମୋର ଗନ୍ଧର୍ବ ବିବାହ ହୋଇଯାଇଛି । ଏବେ ଶୀଘ୍ର ଯାଇ ମାତାଙ୍କ ନିକଟରେ ଜଣାଇ ସେ ପୁରୁଷର ଅନୁସନ୍ଧାନ କରିବା ନିମନ୍ତେ ଲୋକ ପଠାଅ ।

[ଚନ୍ଦ୍ରକାନ୍ତର ପ୍ରସ୍ଥାନ ଏବଂ ସର୍ବାଙ୍ଗସୁନ୍ଦରୀ ସହିତ ପ୍ରବେଶ]

ସର୍ବା ।—ମୁଦି ନାହିଁ ? (ପ୍ରେମଲତା ହସ୍ତରୁ ମୁଦି ନେଇ ନିରୀକ୍ଷଣ-ପୂର୍ବକ ଅତ୍ୟନ୍ତ ଭୟରେ)ରେ ଚନ୍ଦ୍ରକାନ୍ତ ! ରେ ନରପୂର-ମନ୍ଦ ! ଏ କଥା କାହାଠାରେ କହିବ ନାହିଁ—ଏହାର ଅନୁସନ୍ଧାନ

ମୁଁ କରିବ । ଯେବେ ଅନୁସନ୍ଧାନ ମିଳିବ ତେବେ ରାଜାଙ୍କ
ସମ୍ମୁଖରେ ଜଣାଇବ । (ପ୍ରେମାଙ୍କୁ ନିରୀକ୍ଷଣ କରି)
ପ୍ରେମା ତୁ ଧୈର୍ଯ୍ୟ ଧର ମୁଁ ଅବଶ୍ୟ ଏ ବଉଳ ଠିକଣା
କରି ତୋତେ ବିବାହ କରାଇଦେବ ।—(ପ୍ରସ୍ଥାନ ।)

ପ୍ରେମ ।—(ଗଣ୍ଡସ୍ଥଳରେ କର ଦେଇ)

ରାଗ କଳହଂସ କେଦାର । ତାଳ ଝୂଲା ।

ଅହେ ନବୀନତରୁଣୀଗଣମହେନ୍ଦ୍ର ! ତରୁଣକୁଳ-ହୃଦ-କୁମୁଦଚନ୍ଦ୍ର
ହେ । ୧ ।
ଅହେ ରସିକ-ଶିରୋମଣି ନାଗର, ଅନନ୍ୟ ଅଗଣିତ ଗୁଣସାଗର
ହେ । ୨ ।
ଗତ ରଜନୀ ତବ ମନେ ସ୍ମରଉ, ଅବଗୁଣ୍ଠରେ ଚନ୍ଦ୍ର ଯାଉଛି
ସରି ହେ । ୩ ।
ତୃଷିତ ମୁଖେ ଦେଇ ସୁଧାହ୍ରଦ, ପିଇବାକାଳେ ପୁଣି ଟାଳୁ ହରି
ବ ହେ । ୪ ।
ଏତ ଉଚିତ ନୁହେ ସଙ୍ଗମତରେଁ, ନୋହିଲା କୃପା କେଁଉ ଦବ୍ୟ
ଚିତ୍ତରେ ହେ । ୫ ।
ତ' ଅପଯଶୁଁ ଏବେ ହେଲ ନିର୍ଦ୍ଦୟ, ହୋଇ କରୁଣାରସ କରୁଣାଳୟ
ହେ । ୬ ।
ଲଙ୍ଘିତ କାହୁ ବାରେ ତବ ଆଦେଶ, ସେ ନାଥ ମୋରେ ବହିଲ
ରୋଷ ହେ । ୭ ।
ଅବଲା ଦଣ୍ଡି କେଉଁ ଯଶ ଲଭିବ, ଅବଳାଙ୍କ ଯଶରେ କଳଙ୍କ
ହେବ ହେ । ୮ ।

ମୁଁ ଜାଣିବାରେଁ ଏତେ ଦୋଷ କରଛୁ, ଅଲକ୍ଷ୍ୟ ଯେତେ ମାତା ଅଜ୍ଞା
ଲଙ୍ଘିଛୁ ହେ । ୯ ।
ତାହାଙ୍କୁ ବିନା ଦଣ୍ଡ ଦେବାର ବିଧି, ଅସୀମବୁଦ୍ଧି ଅହେ ଲାବଣ୍ୟନିଧି
ହେ । ୧୦ ।
ଏ-କଥା ଦବ୍ୟ ଅବଧାନଙ୍କୁ ଅସ୍ତୁ, କହିବେ ଚରେ ମୋରେ ସୁଦୟା
ବନ୍ଧୁ ହେ । ୧୧
ଦେଖାଅ ମୋରେ ଟାରେ ମୃତସଞ୍ଜୀବ—ନୋହିଲେ ତୁମ୍ଭଲାଗି ମୋ
ଜୀବ ଯିବ ହେ । ୧୨ ।

କର୍ପୂ ।—ଏପରି ହେଲେ କେଉଁପରି ହେବ ?—ଦାଣ୍ଡରେ ଲୋକମାନେ ଶୁଣିଲେ କ ବୋଲିବେ ?

[ଧାଈର ପ୍ରବେଶ ।

ଧାଈ ।—ଜେମା ! ଏତେ ବିକଳ ହେଉଛ କାହିଁ କି ? ତୁମ୍ଭ ବିକଳ ଦେଖି ମୋର ଛାତି ଫାଟି ଯାଉଛି !

ପ୍ରେମ ।—ମାଉସି ! ଆଜ ସ୍ୱପ୍ନରେ ମୋ ସହିତରେ ଏକ ରୂପବନ୍ତ ପୁରୁଷ ଆସି ମୋ କରରେ ମୁଦ୍ରିକା ଦେଇ ବିବାହ ହୋଇ ଯାଇଛି; ଏଣୁକରି ଏ ସମ୍ପତ୍ତି ମୋତେ ତୃଣବତ୍ ଜ୍ଞାନ ହେଉଛି ।

ଧାଈ ।—ଜେମା ସେ ମୁଦ କାହିଁ ?

ପ୍ରେମ ।—ମା ଅନୁସନ୍ଧାନ ନେଉବେ ବୋଲି ମୁଦ୍ରିକାକୁ ନେଇଛନ୍ତି ।

ଧାଈ ।—ତେବେ ମୁଁ ରାଣୀଙ୍କ ଛାମୁକୁ ଯାଉଛି । ଅନେକ ବର୍ଷରୁ ମୋର ଦୁଃଖ ଦେଶାଟନ କରିଅଛି ଘେର ଆସିଛି—ରାଣୀଙ୍କୁ ଜଣାଇଁ ମୋର ପୁଅକୁ ମୁଦ୍ରିକା-ସ୍ୱାମୀର ଅନୁସନ୍ଧାନ ନିମନ୍ତେ-ପଠାଇବ ।

ପ୍ରେମ ।—ଶୀଘ୍ର ଯାଇ ପଠାଇବାର ଚେଷ୍ଟା କର ।

[ଧାଈର ପ୍ରସ୍ଥାନ ।

ସପ୍ତ ସଖିଙ୍କର ନୃତ୍ୟ ଓ
ପଟପରିବର୍ତ୍ତନ ।

ଦ୍ୱିତୀୟ ଦୃଶ୍ୟ । ଅନ୍ତଃପୁର ।

(ପର୍ଯ୍ୟଙ୍କୋପରି ସମରକେତୁ ଓ ସର୍ବାଙ୍ଗସୁନ୍ଦରୀ ଆସୀନ ।)

ସର୍ବା ।—ନେମାଙ୍କୁ ଉନ୍ମାଦ ରୋଗ ଜନ୍ମିତ—ନେମାର ଆଉ ପ୍ରାଣରେ ଆଉ ସୁଖ ନାହିଁ !

ସମ ।—ଉନ୍ମାଦ ରୋଗ ! କେବେଠାରୁ ହେଲା ?

ସର୍ବା ।—ଏହି ଗଲା ରାତିଠାରୁ ।

ସମ ।—(ସଚକ୍ଷୁରେ) ହେ ବିଧାତଃ ! ଆମ୍ଭର ଏକମାତ୍ର ଦୁହିତାକୁ ତୁ କି ରୋଗ ଆଣି ଦେଲୁ ! ସେ ଅତି ସୁକୁମାରୀ—ରୋଗର ଜ୍ୱାଳା ସେ କି ସହ୍ୟ କରି ପାରିବ ?

[ଧାଈର ପ୍ରବେଶ ।

(ମ୍ଳାନବଦନେ) ଧାଈ, ନାହିଁ କି ଆସିଲ ?

ଧାଈ ।—ମହାଦେଈଙ୍କ ଖମୂଲୁ ।

ସମ ।—ନେମା କପରି ?

ଧାଈ ।—ଭଲ ।

ସମ ।—ନେମାଙ୍କୁ ଉନ୍ମାଦ ରୋଗ ହୋଇଛି ?

ଧାଈ ।—ତାଙ୍କ ହିଁ ନେମାଙ୍କର ଘାତୃବଦରୁ ସେହିପରି ହେବାର ସମ୍ଭାବନା ।

ସମ ।—ତେବେ ଶୀଘ୍ର ଚିକିତ୍ସା କରାଇବା କର୍ତ୍ତବ୍ୟ । ଆଉ ବିଳମ୍ବ କରିବା ଉଚିତ ନୁହେ । ଅମ୍ଭେ ସତ୍ୱରୁ ଯାଉଛୁଁ ବୈଦ୍ୟପାଇଁ ଔଷଧ ଦିଆଇବୁଁ ।

[ସମରକେତୁର ପ୍ରସ୍ଥାନ ।

ସୁନା ।—ଏତେ ଚଞ୍ଚଳ ଅମୃତ କାହିଁକି ?

ଧାଇ ।—ମହାଦେବ, କି କହିବି ? କେମାର ବ୍ୟାକୁଳତା ଦେଖି ମୋର ଛାତି ଫାଟିଗଲା !—ଏବେ ଉପାୟ କି ?

ସ୍ୱର୍ଣ୍ଣା ।—ରାଜାଙ୍କୁ ଏ ସମାଚାର ମୁଁ କହି ନାହିଁ—କାରଣ ତୁମ୍ଭର ଝିଅ ବ୍ୟଭିଚାରିଣୀ ହେଲା ବୋଲି କହିବେ ।

ଧାଇ ।—ସତ—ରାଜାଘରେ ଏପରି ଘଟଣା ହେବାର ଅସମ୍ଭବ । ଅମ୍ଭମାନଙ୍କ ଘରେ ହୋଇଥିଲେ ଦାଣ୍ଡରେ ଢବଡ଼ି ବାଜନ୍ତାନ୍ତି । ରାଜାମାନେ ଏହା ଶୁଣିଲେ କି କେମାକୁ ବିବାହ ହେବେ ?

ସ୍ୱର୍ଣ୍ଣା ।—ସେହି ହେତୁ ମୁଁ ତାହାଙ୍କୁ କହି ନାହିଁ—କେମାରତ ଚେତା ନାହିଁ ଯେ ପତ୍ରରେ ତାହାଙ୍କୁ କହିଦେଉଛି । ତାହା ପାଇଁ ତାହାଙ୍କୁ ଯିବାକୁ ପଥ ନାହିଁ ।

ଧାଇ ।—ସତ, ଅମୃର କେମାଙ୍କୁ ସେ ଜପାମାଳୀ ହୋଇଛି ।

ସ୍ୱର୍ଣ୍ଣା ।—ଧାଇ ! ଏବେ ଉପାୟ କି ?

ଧାଇ ।—ଦୂତ ପଠାଇ ତାହାର ଅନୁସନ୍ଧାନ ଗୁପ୍ତରେ କରିବା ।

ସ୍ୱର୍ଣ୍ଣା ।—ଏପରି ବିଶ୍ୱାସୀ ଲୋକ କିଏ ଅଛି ?

ଧାଇ ।—ଏଠାରେତ କେହି ନାହିଁ ।

ସ୍ୱର୍ଣ୍ଣା ।—ହଇ ଗୋ ଧାଇ ! ତୁମ୍ଭର ପୁଅ ନନ୍ଦଦଣ୍ଡରୁ ଫେରିଲାଣି ?

ଧାଇ ।—ଆଜ୍ଞା କାଲି ଆସିଛି ।

ସ୍ୱର୍ଣ୍ଣା ।—ତାକୁ ପଠାଇଲେ ଭଲ ହୁଅନ୍ତା ।—ଜାଣିଛ ?

[ଧାଇର ପ୍ରସ୍ଥାନ ।

ସର୍ବା ।—(ସ୍ୱଗତ) କ ଉପାୟରେ ତେମାର ଦେହରେ ସୁସ୍ଥ ହେବ ଓ
କେଉଁ ଉପାୟରେ ସେହି ପୁରୁଷର ଅନୁସନ୍ଧାନ ମିଳବ କଛି
ମନେ ହେଉ ନାହିଁ । ପରମେଶ୍ୱର ଏହି ଅସାଧ ବଷୟକୁ ସାଧ
ହୟବେ କ ? ହେ ପ୍ରଭୋ ! ଆମ୍ଭର ମଙ୍ଗଳ ରକ୍ଷା କରନ୍ତୁ —
ଆପଣଙ୍କଠାରେ ତ କୌଣସି ବଷୟ ଅସାଧ ହୋଇ ନାହିଁ ।

[ଅନନ୍ତ ସହଜ ଧାଇଁର ପ୍ରବେଶ ।

ବାବୁ ! ଆମ୍ଭର ମଙ୍ଗଳ ରକ୍ଷ ।

ଅନ ।—ମା ! କାହିଁକ ଚନ୍ତା କରୁଅଛନ୍ତି ? ଆପଣଙ୍କ ଦୁଃଖ ସମାଗ୍ର ଶୁଣି ମୁଁ ଭୂଷା ଦୁଃଖୀ ହୋଇଛି । ଯାହା ଆଜ୍ଞା ହେବ ପ୍ରତି-
ପାଳନ କରବ ।

ସର୍ବା ।—(ମୁଦ୍ରକାକୁ ଅନନ୍ତ ହସ୍ତରେ ଦେଇ) ଏ ମୁଦ୍ରକାର ସ୍ୱାମିକୁ ଆଣି ପାରବୁ ! ଏହାକୁ ନ ଆଣିଲେ ତେମାର ପ୍ରାଣ ରହବ ନାହିଁ ଏବଂ ଆମ୍ଭେମାନେ ବାଣ୍ଡରେ ନଟହଟା ହେବୁ ।

ଅନ ।—(ମୁଦ୍ରକାକୁ ଦେଖି) ମା ଏ ମୁଦ୍ରକା ସାମାନ୍ୟ ଲୋକର ନୁହେ କୌଣସି ସ୍ୱଜନକୁମାରର ହେବ । ଆପଣ ଯେବେ ମୋତେ ବାଣିଜ୍ୟ ବ୍ୟାପାରର ଦ୍ରବ୍ୟମାନ ଦେବେ ତାହା-
ହେଲେ ମୁଁ ଅବଶ୍ୟ ଅନୁସନ୍ଧାନ କରି ଆଣିପାରେ ।

ସର୍ବା ।—କାହିଁକ ନ ଦେବ ? ତୁ ଏବେ ଯା —ଗନ୍ଧାଘରଆ-
ଠାରୁ ଅବଶ୍ୟକୀୟ ପଦାର୍ଥ ନେଇଆ ।

ଅନ ।—ମୁଁ ଶୀଘ୍ର ଫେରବ — ଏବେ ଏଠା ଯାଉଛି ।

[ଅନନ୍ତର ପ୍ରସ୍ଥାନ ।

ସ୍ୱବନକା ପତନ ଓ
ସପ୍ତ ସଖିଙ୍କର ନୃତ୍ୟ ।

ଚତୁର୍ଥ ଅଭିନୟ ।

(ଝିଲ୍ଲିବତୀ ତୀର ।)

ପ୍ରଥମଦୃଶ୍ୟ । ଝିଲ୍ଲିବତୀ ନଦୀତୀରସ୍ଥ ଅଟ୍ଟାଳିକା ।

[ମନ୍ଦୁରକେତନ ଆପଣା ସଙ୍ଗୀଗଣ ସହିତ ଆସୀନ ।]

ମଦ । —(ଗୀତ)

ରାଗ ରେଖୁପ୍ତ । ଆଠତାଳୀ ।

ନହି ଥିଲା ନ ମୋ ସ୍ଥଳରେ ଲହି । ତାର ତୃଷିତର ମୁଖ ପାଶେ
ସୁଧା ଦେଖାଇ ନ ଦେଲା ଚଖାଇ । ଘୋଷା ।

ନବବାଳୀ ତନୁ · ଶ୍ରୁତି ନମ୍ରାଇ, ତହିଁ ପ୍ରେମବୀଜଗଣି ରୁହାଇ,
ଅଙ୍କୁରବାକାଳେ ତୃଷ୍ଣାଜଳବାଜ ପୁଣି ଯାହା ଦେଲା ଶୁଖାଇ । ୧ ।
ଅଜନମ ଅନ୍ନ ଦେବା ଜନକୁ, ଦେଇ ପୁଣି ଦିବ୍ୟ ଚକ୍ଷୁଦାନକୁ
ଅତୁଲ୍ୟ ଅମୂଲ୍ୟ ପ୍ରତିମା ଦେଖାଇ ପୁଣି ଯାହା ଦେଲା ଫୁଟାଇ । ୨ ।
ତହିଁ ଆନନ୍ଦସରରେ ଭସାଇ ବାଲାଙ୍ଗିନୀ ଅସନେ ବସାଇ, ଯୁବା-
ତିକେ ଶଙ୍କାବିଦ୍ଧ ଦେବାକାଳେ ତଳକୁ ଯା ଦେଲା ଖସାଇ । ୩ ।
ଅକ୍ଷୟ ନବେ କୃପା କରଣ, ଦେହକରେ ଅଷ୍ଟ ରତନମାନ, ଦ ଦ-
ଶ୍ଯ କେତେ ଦବ୍ ରତନକୁ ପୁଣି ଯାହା ନେଲା ଛଡ଼ାଇ । ୪ ।

[ଜନୈକ ସଉଦାଗରର ପ୍ରବେଶ ।

ମଦ । — ସୌଦାଗର ! ଆପଣ କେଉଁଠାରୁ ଆସିଛନ୍ତି ? କହନ୍ତୁ,—
କ ମାଲ ଆଣିଛନ୍ତି ଦେଖିବା ।

ସୌଦା । — ମୋଠାରେ ଅନେକ ସାମଗ୍ରୀ ଅଛି । ଆପଣ ଯାହା ଇଚ୍ଛା
କରିବେ ଦେଖାନ୍ତୁ । (ଯାଙ୍କେ ଉପବେଶନ ପୂର୍ବକ ଗୋଟି
କାର ସାମଗ୍ରୀ ପ୍ରଦର୍ଶନ କରଣ ।)

ମକ ।—(ସାମଗ୍ରୀମାନ ଦେଖି ମୁଦ୍ରିକାକୁ ଚିହ୍ନି ସ୍ୱହସ୍ତେ ଧରି) ଏ ମୁଦ୍ରିକା କାହୁଁ ପାଇଲେ ?

ସୌଦା ।—ମହିମା ! ଏ ମୁଦ୍ରିକା ମୁଁ ଦୁଇଶହ ଟଙ୍କାରେ କ୍ରୟ କରିଅଛି ।

ମକ ।—ଆପଣ ମୋଠାରେ କାହିଁକି ଲୁଚାଉଛନ୍ତି ?—ସତ୍ୟ କହନ୍ତୁ ।

ସୌଦା ।—(ଯୁବରାଜଙ୍କ ମୁଖ ଉଦ୍‌ଭ୍ରମରୂପେ ନିରୀକ୍ଷଣ କରି) ଜଣେ ରମଣୀ ମୋତେ ଦୁଇ ଶତ ଟଙ୍କାରୁ ଦେଇଛନ୍ତି ।

ମକ ।—(ଅନନ୍ତର ହସ୍ତ ଧରି ଆପଣା ପାର୍ଶ୍ୱରେ ସାଦରେ ବସାଇ ମୃଦୁସ୍ୱରରେ) ଆପଣ କେଉଁ ଦେଶରୁ ଆସିଛନ୍ତି ? ଆପଣଙ୍କ ନାମ କଅଣ ?

ସୌଦା ।—ମୋର ନାମ ଅନନ୍ତ । ଚନ୍ଦନ ନଗରରୁ ଆସିଛୁ ।

ମକ ।—ଆପଣଙ୍କୁ ଘର ଛାଡ଼ିବା କେତେ ଦିନ ହେଲା ?

ସୌଦା ।—ପ୍ରାୟ ଏକବର୍ଷ ହେଲା ମୁଁ ଘର ଛାଡ଼ିଅଛି । ଅନେକ ଦେଶ ବୁଲି ବୁଲି ବର୍ତ୍ତମାନ ଏଠାକୁ ଆସିଛି । ଏଠାରେ ଆପଣଙ୍କର ଚଉ-ଦର୍ବାର ହେବାର ଶୁଣି ଆପଣଙ୍କର ଉଲ୍ଲାସ ବଢ଼ା-ଇବା ନିମନ୍ତେ କିଛି ପଦାର୍ଥ ଆଣିଛି ।

ମକ ।—ଆପଣ ମୋତେ କି ପଦାର୍ଥ ଦେଇ ଆନନ୍ଦିତ କରାଇବେ ?

ସୌଦା ।—ମୁଁ କଅଣ ଦେବି ?—ମୋଠାରେ ଯାହା ଅଛି ସମସ୍ତ ସ୍ୱୟଂ ଦେଖିବା ହେଉନ୍ତୁ ।

ମକ ।—ଆପଣଙ୍କଠାରେ ଥିବା ସମସ୍ତ ପଦାର୍ଥ ଅମୂଲ୍ୟ । ମୁଁ ଅନେକ ସୌଦାଗରମାନଙ୍କୁ ଦେଖିଛି, ହେଲେହେଁ ସେମାନେ ଆପଣଙ୍କ ପରି ଧନୀ ନୁହନ୍ତି ।—ଆପଣଙ୍କର ଅଙ୍ଗଭଙ୍ଗୀରୁ କୌଣସି ସାମ୍ରା-ଜ୍ୟରୁ ଆପଣ ଆସିଥିବାର ପ୍ରତୀତ ହୁଏ ।

ଅର୍ଜ ।—(ଅଙ୍ଗାଂଶ କଥୋପକଥନ ଓ ଗ୍ରବଣ ।)

ପ୍ର—ସଙ୍ଗୀ ।—(ଦ୍ୱିତୀୟକୁ ନିଭୃତେ) ହେ ମିତ୍ର ! ଆଜ ଆମ୍ଭର ଯୁବରାଜଙ୍କର ଚିତ୍ତ ଅତ୍ୟନ୍ତ ଆନନ୍ଦିତ ହୋଇଛି ।

ଦ୍ୱି—ସ ।—(ନିଭୃତେ) ସତ୍ୟ, ଈଶ୍ୱର କରନ୍ତୁ ମୋର ଏହି ପ୍ରାର୍ଥନା ।

ତୃ—ସ । (ନିଭୃତେ)—ମହାରାଜାଙ୍କ ସମ୍ମୁଖରେ ଜଣାଇଁ ଏହି ସୌଦାଗରଙ୍କୁ ଏଠାରେ ରଖାଇବା ଉଚିତ ।

ପ୍ର—ଓ ଦ୍ୱି—ସ ।—ସୌଦାଗରଙ୍କୁ ଦେଖିଲା କ୍ଷଣି ଯୁବରାଜ ଆନନ୍ଦିତ ହେଲେ ।

ମନ ।—(ସଙ୍ଗିମାନଙ୍କୁ) ତୁମ୍ଭେମାନେ ବର୍ତ୍ତମାନ ଯାଅ । ମୋର ସଉଦାଗର ସଙ୍ଗରେ କିଛି ନିଭୃତରେ କଥା ଅଛି ।

[ସଙ୍ଗୀମାନଙ୍କର ପ୍ରସ୍ଥାନ ।

(ସବିନୟେ) ହେ ମହାଶୟ ! ଅପଣ ଏ ମୁଦ୍ରିକା କେଉଁଠାରୁ ପାଇଲେ ?—ଏ ମୁଦ୍ରିକା ମୋର ଅଟେ, ଏକ ସ୍ତ୍ରୀକୁ ମୁଁ ସ୍ୱପ୍ନକାଳରେ ଦେଖି ତାକୁ ଏ ମୁଦ୍ରିକା ଦାନ ଦେଇଥିଲି ।

ସୌଦା ।—(ଯୋଡ଼ହସ୍ତେ) ମହିମା ! ଆମ୍ଭ ଯାହା ଆଜ୍ଞା ହେଉଛନ୍ତି ତାହା ସତ୍ୟ ?— ତେବେ ଆଉ ଲୁଚାଇଲେ କି ହେବ ? ମୁଁ ପ୍ରକୃତ ସୌଦାଗର ନୁହେଁ— ଏ ମୁଦ୍ରିକାର ସ୍ୱାମୀଙ୍କୁ ଅନୁସନ୍ଧାନ କରୁ କରୁ ଅପଣଙ୍କ ସ୍ୱପ୍ନ ବିବରଣ ଶୁଣି ଏଠାକୁ ଅସିଛି ।

ମନ ।— (ସଉଦାଗରଙ୍କୁ ଆଲିଙ୍ଗନ କରି) ଯେଉଁ କନ୍ୟାକୁ ମୁଦ୍ରିକା ଦେଇଥିଲି ସେ କନ୍ୟା କାହାର ? କେଉଁଠାରେ ତାହାର ବାସ ? ସକଳ ବିବରଣ କହି ମୋର ଦଗ୍ଧ ଜୀବନକୁ ଶୀତଳ କରନ୍ତୁ । ସେ ସ୍ତ୍ରୀକି ଦେଖିଲା କ୍ଷଣି ମୋର ମନମୀନ ତାହାର ଲାବଣ୍ୟ-

ଜଳରେ ବୁଡ଼ିଗଲା; ଏବେ ତାଙ୍କୁ ହରାଇ ମୋହର ଦଶା ଜଳହୀନ ମତ୍ସ୍ୟ ପରି ହୋଇଛି !

ସୌଦା ।—ଆପଣ ରାତିରେ ସେ ସ୍ତ୍ରୀକି କେଉଁ ପରି ଦେଖିଲେ ? ଏବଂ ସେ ପ୍ରାତଃକାଳରେ କେଉଁ ଆଡ଼େ ଗଲା ?

ମକ ।—ଯେବେ ମୁଁ ସେ କଥା ଜାଣିଥାନ୍ତି ତେବେ ଏ ଦଶା କାହିଁକି ଲଭିଥାନ୍ତି ?

ସୌଦା ।—ଏତ ବଡ଼ ଆଶ୍ଚର୍ଯ୍ୟର ବିଷୟ !

ମକ ।—ବଡ଼ ଆଶ୍ଚର୍ଯ୍ୟର ବିଷୟ ! ମୁଁ ବୋଧ କରେଁ ଏହା ମାୟାବଳରେ ଘଟିଛି ।

ସୌଦା ।—ହୋଇଥିବ । ଆମ୍ଭର ରାଜକୁମାରୀଙ୍କ ମଧ୍ୟ ଏ ଦଶା ଲଭିଛନ୍ତି । ବୋଧହୁଏ ଆମ୍ଭର ରାଜକୁମାରୀଙ୍କୁ ଆପଣ ଦେଖିଥିବେ ? ସେ କହୁଛନ୍ତି ମୋର ମୁଦ୍ରିକା ସେ ପୁରୁଷଠାରେ ଅଛି— ଯାହାକୁ ମୁଁ ସେ ମୁଦ୍ରିକାଦ୍ୱାରା ଗନ୍ଧର୍ବ ବିବାହ ହୋଇଛି ।

ମକ ।—(ଅଙ୍ଗୁଳିରୁ ମୁଦ୍ରିକା କାଢ଼ି ଦେଖାଇ) ଏହା ନୁହେ ?

ସୌଦା ।—(ଅଙ୍ଗୁରୀକାଳ ଦେଖି ଆନନ୍ଦ ଗଦ୍ ଗଦ୍ ସ୍ୱରରେ) ଏହିତ !

ମକ ।—(ସହର୍ଷେ) ମୁଁ ପ୍ରିୟାମୁଖ କିପରି ଦେଖିବି ?—ଉପାୟ କଣ ?

ସୌଦା ।—ଆପଣ ଏବଂ ମୁଁ ଦୁଇଜଣ ଅନ୍ୱେଷଣ କରି ଯିବା ।

ମକ—ଶୀଘ୍ର ଯିବା ଉଚିତ ।

ସୌଦା ।—ଯିବାକୁ କଷ୍ଟ ହେବ । ମାତ୍ର ପ୍ରଥମତଃ ଆପଣଙ୍କୁ ତପସ୍ୱୀ ରୂପ ଧାରଣ କରିବାକୁ ହେବ ।

ମକ ।—କାହିଁକି ?

ସୌଦା ।—କାରଣ ଏହି ଯେ ଆପଣଙ୍କୁ ରାଜକୁମାରୀ ଦେଖିବା ଦିନଠାରୁ ତାଙ୍କର ମନ ଅତ୍ୟନ୍ତ ଚଞ୍ଚଳ ହୋଇଥିବାରୁ ସେହି

ଯେବେ ନାରାୟଣ ସମସ୍ତଙ୍କଠାରେ ଏକପ୍ରକାରରେ ଅବ-
ସ୍ଥାନ କରନ୍ତି ତାହାହେଲେ ଏତେ ପ୍ରଭେଦର କାରଣ
କ ? — ହାଃ ହାଃ ।

[ହାସ୍ୟର ପ୍ରବେଶ ।

ହାସ୍ୟ । — (କୃତାଞ୍ଜଳିପୁଟେ) ମହିମା ଅନେକ ଦେଶ ବୁଲି ବୁଲି ଏକ
ପ୍ରଖ୍ୟାତ ବୈଦ୍ୟ କୃଷ୍ଣହୈଶରୁ ଆସିଛି ଏବଂ କହୁଛି
ସ୍ୱାମୀଙ୍କି ଆରୋଗ୍ୟ କରଦେବ—ଆମ୍ଭରୁ ଆଜ୍ଞା
ହେଲେ ଡାକ ଆଣିବ ।

ଯମ । — ଏପରି ଅନେକ ପ୍ରଖ୍ୟାତ ବୈଦ୍ୟ ଆସି ଆପଣାର ପ୍ରାଣ
ହରାଇଲେଣି — ମୋତେ ବୋଧ ହୁଏ ଏ ମୃତ୍ୟୁ ଆପଣାର
ପ୍ରାଣ ହରିନେବ । ଯାହା ହେଉ ଡାକ ।

[ହାସ୍ୟର ପ୍ରସ୍ଥାନ ଏବଂ ଚିକିତ୍ସକ ସହିତ ପୁନଃ ପ୍ରବେଶ ।

ଯମ । — କହେ ବୈଦ୍ୟ ! ତୁମ୍ଭେ ଆମ୍ଭର ପ୍ରେମଲତାକୁ ଭଲ କରି
ପାରିବ ? ଯେବେ ତୁମ୍ଭେ ଭଲ କରି ନ ପାରିବ ତେବେ
ଆମ୍ଭେ ତୁମ୍ଭଙ୍କୁ ଶମନପୁର ଦେଖାଇଦେବୁଁ ଏବଂ
ଆମ୍ଭେ ଅନେକଙ୍କୁ ତାହା ଦେଖାଇ ଦେଇଛୁଁ ।

ବୈଦ୍ୟ । — ଆମ୍ଭେ ଯେବେ ପରୋପକାର ନିମନ୍ତେ ଏ ବୃତ୍ତି ଧାରଣ
କରିଛୁଁ ତେବେ ମହାରାଜ ! ମରିବାରେ କୁଛ[illegible]
ନାହିଁ !

ଜହୁ । — ହେ ଦୁର୍ବୈଦ୍ୟ ! ଏ କଥା ମିଛ ନୁହେ ସତ୍ୟ ଅଟେ ମାତ୍ର
ପଛକୁ ମରିବାକୁ ଅସମ୍ମତ ହେଲେ ଆମ୍ଭେ ଛାଡ଼ିବୁଁ ନାହିଁ । —
ଯଦି ସ୍ତ୍ରୀ ଲାଳସାରେ ଆସି ପ୍ରାଣକୁ ଅଣା କରୁଛ ତେବେ
ବାହୁଡ଼ି ଯିବାର ଉଚିତ ।

ବୈଦ୍ୟ ।—ଏହାପର ତେବେ ବୈଦ୍ୟ ପ୍ରାଣ ହରାଇବାର ଯଥାର୍ଥ କି ?

ବନ୍ଧୁ ।—ହିଁ ସତ୍ୟ । ତୁମ୍ଭେ ଜାଣି ନାହଁ କି ? ମହାରାଜ ଆଦେଶ କରୁଅଛନ୍ତି—ତୁମ୍ଭେ ବଧିର ନୁହଁ ?

ବୈଦ୍ୟ ।—ମୋତେ ବଧିରତା ନାହିଁ—କଥା ପ୍ରସଙ୍ଗରେ ପଚାରିଲି ।

ବନ୍ଧୁ ।—ତେତେବେଳେ ଯେବେ ମୋତେ କହିବ ମୁଁ ବଡ ସନ୍ତୁଷ୍ଟ ହେବି । ତେତେବେଳେ ତୁମ୍ଭେ ପ୍ରାଣ ହରାଇବାକୁ ଅସନ୍ତୁଷ୍ଟ ହୋଇ ମୋର ଦୁଃଖ ଜାତ କରାଇଲେ, ମୁଁ ତୁଣ୍ଡ ବୁଜିଦେଇ ବସିବି !

ବୈଦ୍ୟ ।—ନାହିଁ, ମୁଁ ଅନେକ ଦେଶ ବୁଲି ବୈଦ୍ୟ ବୃତ୍ତିରେ ନାମ ଅର୍ଜିଛି । ମୁଁ କେବେ ପ୍ରାଣ ହରାଇବି ନାହିଁ ରାଜକୁମା-ରୀଙ୍କି ନିଶ୍ଚେ ଭଲ କରିଦେବି ।

ବନ୍ଧୁ ।—ଏ କଥା ନିଶ୍ଚୟ ? ମୋର ମୁଣ୍ଡ ଛୁଇଁ କହୁଛ ? କହିଲେ ତୁମ୍ଭଙ୍କୁ ଆଉ ଗୋଟିଏ ଲାଭ ବତେଇ ଦେବି ମାତ୍ରକ ମୋତେ କଅଣ ପୁରସ୍କାର ଦେବ ?

ବୈଦ୍ୟ ।—ଦେଖିକରି ଦେବି ।

ବନ୍ଧୁ ।—କଅଣ ଦେଖାଇ ଦେବ !—ଆଛା କହୁଛି ! ମୁଁ ଦେଖି ଦେଖି ମୋର ଆଖିରୁ ପାଣି ମରିଲାଣି ଆଉ କେତେ ଦେଖିବ ?

ବୈଦ୍ୟ ।—ନାହିଁ ନାହିଁ ଦେଖିକରି ଦେବି ।

ବନ୍ଧୁ ।—ଆଉ ଶୁଣ-ଏ ମହାରାଜ ସତ୍ୟ କରିଛନ୍ତି ଯେ ଯେଉଁ ବ୍ୟକ୍ତି ମୋହର ନେମାକୁ ଭଲ କରି ଦେବ ତାହା ସଙ୍ଗରେ ତେଙ୍କୁ ବିବାହ କରିଦେବେ । ଏଥିରୁ ବଡ ଲାଭ କଅଣ ଅଛି ? ଦୟା କରି ଯେବେ ଏଥିରୁ ଭାଗ ଦେଅନ୍ତ ତେବେ ମୁଁ ଆପଣଙ୍କ ଏଡ଼େ ଧନ୍ୟବାଦ ଦିଅନ୍ତି ବ ଯାହାକୁ କହନ୍ତି !

ବୈଦ୍ୟ ।—(କଣ୍ଠରେ ହାତ ଦେଇ) ଓହୋ ଏପରି ଦୁର୍ବୃତ୍ତର ତାହିଁକି କରୁଛ ? ଏ ସଂସାରରେ ଏହା ଅଘଟିତ ଅଟେ । ଆଚ୍ଛା ଯେବେ ମୁଁ ଭଲ କରି ନ ପାରେଁ ତେବେ ମୋ ବଦଳରେ ତୁମ୍ଭେ ପ୍ରାଣ ଦେବ କି ?

ବନ୍ଧୁ ।—ଏପରି ହେଲେ ମୁଁ ତୁମ୍ଭଙ୍କୁ ସେଥିରୁ କିଛି ଭାଗ ମାଗିବି ନାହିଁ ମାତ୍ର ତେମାଲୁ ଭଲ କଲେ ଆଉ କୌଣସି ପଦାର୍ଥ ଦେଇ ପାରିବ ନାହିଁ କି ?

ବୈଦ୍ୟ ।—ତାହା ଛଡ଼ା ଆଉ କଅଣ ମାଗୁଛ ?

ବନ୍ଧୁ ।—ଯାହା ମାଗୁଛି ଶୁଣ । ଯୋଡ଼ା ଘୋଡ଼ା ମୁଁ ଚାହେଁ । ରାଜ-ଦରବାରରୁ ପୁରସ୍କାର ସ୍ୱରୂପ ଯାହା ପାଇବ ତାହା ଦେଲେ ହେଲା ।

ବୈଦ୍ୟ ।—ଭଲ ପୁରସ୍କାର ମାଗିଲ—ଏପରି ପୁରସ୍କାର ତେବେ ତାହା-ଠାରୁ ପାଇଛ ?

ବନ୍ଧୁ ।—ଏପରି ପୁରସ୍କାରରେ ମୋର ଜନ୍ମ ଯାଉଛି ।

ଷମ ।—କଅଣ କଥୋପକଥନ କରୁଛ ? ବହୁତ ବେଳ ହେଲା ତୁମ୍ଭାରେ କାଳାତୀତ ହେଉଛି । ବୈଦ୍ୟବର ! ଏବେ ଶୀଘ୍ର ଯାଇ ପ୍ରେମଲତାକୁ ଭଲ କର ।—ହାଉ ! ଏ ବୈଦ୍ୟଙ୍କୁ ପୁମୁର ପ୍ରେମଲତାର ଅଟ୍ଟାଳିକାକୁ ନିଅ ।

ବୈଦ୍ୟ ।—ହେ ମହାରାଜ ! ମୁଁ ପ୍ରଥମରେ ଆପଣଙ୍କର ପ୍ରେମଲତାଙ୍କୁ ଔଷଧ ଦେବି ନାହିଁ ଓ ହାତ ଦେଖିବି ନାହିଁ । ଏକ ଔଷଧ ପୁଡ଼ି ତେମାଙ୍କ ନିକଟକୁ ପଠାଇ ଦେବି, ତାହାକୁ ସେମା ସ୍ୱହ-ସ୍ତରେ ନାଡ଼ି ଦେଖିବେ—ପରେ ଭଲ ହେବାର ଲକ୍ଷଣ ଦେଖା-ଗଲେ ଔଷଧ ଦେବି । ହେ ମହାରାଜ ! ମୋତେ ବୋଧହୁଏ ଏ ଔଷଧପୁଡ଼ିକୁ ଦେଖିଲାକ୍ଷଣି ତେମାଙ୍କର ରୋଗ ଦୂର ହୋଇଯିବ ।

ଷମ । — ତୁମ୍ଭେ ଉତ୍ତମ ବୈଦ୍ୟ ବୋଲି ଜଣାଯାଏ । ଯାହାହେଉ ପ୍ରଥମେ ଯାଅ, ଦେଖିଲା ପରେ କର୍ତ୍ତବ୍ୟ ଜାଣି ପାରିବ ।

ବିଦୂ । — ହେ ବୈଦ୍ୟ ! ତୁମ୍ଭେତ ବଡ଼ ଗାରିମାରେ କଥା କହୁଛ ; ଯେବେ ତାଙ୍କୁ ଭଲ କରି ନ ପାରିବ ତେବେ ଏଠାରେ ଠିକ ଖାଇଯିବ — ଏହୁ ଗାରିମା ରହି ପାରିବ ନାହିଁ ଟି । ତୁମ୍ଭ-ଠାରୁ ବଡ଼ ବଡ଼ ବୈଦ୍ୟମାନେ ଆସି ଏହାକେଲକେ ଜନ୍ମଠାରୁ ବଦାୟ ହୋଇ ଯାଇଛନ୍ତି । ହେ ବୈଦ୍ୟ ! ତୁମ୍ଭେ ଏତେ ସୁନ୍ଦର ଦିଶୁଛ ବୋଧହୁଏ କେଉଁ ବଡଘର ପୁଅ ପରି ? କାହିଁକି ଅନାୟାସରେ ରାଜାଙ୍କ ହସ୍ତରେ ଆପଣାର ପ୍ରାଣକୁ ନ୍ୟସ୍ତ କରୁଅଛ ?

ବୈଦ୍ୟ । — ଯାହା ହେଉ, ମଡ଼ଲୁଚ ଗାଙ୍ଗେ ଦେଖେଁ — ଈଶ୍ୱର ଇଚ୍ଛା — ସେ ଯାହା କରନ୍ତୁ !

[ଦ୍ୱାସ୍ଥ ଏବଂ ବୈଦ୍ୟର ପ୍ରସ୍ଥାନ ।

ପଟପରିବର୍ତ୍ତନ ।

ଦ୍ୱିତୀୟ ଦୃଶ୍ୟ ।

ରାଜକୁମାରୀର ଅଟ୍ଟାଳିକାର ସମ୍ମୁଖଭାଗ ।

[ଧାଇ, କର୍ପୂରମଞ୍ଜରୀ, ଓ ଚନ୍ଦ୍ରକାନ୍ତ ଆସୀନା ।]

ଧାଇ । — ହେ କର୍ପୂରମଞ୍ଜରି ! ମୁଁ କେଉଁ ପରି କରିବା ? ମୋର ପୁଅ ରାଜକୁମାରୀଙ୍କୁ ରାଜାଙ୍କର ସାକ୍ଷାତ କରାଇ ନ ଥିଲା ପରି ବୋଧ ହେଉଛି । କେବେ କରାଇବ — କେବେ ରାଜକନ୍ୟା ରୋଗରୁ ମୁକ୍ତି ହେବେ ?

ଚନ୍ଦ୍ର । — ସତେ ତୁମର ପୁଅ ଅମୂଲ୍ୟ, ତାଙ୍କୁ ପଢିକି ଅଣିଲେଣି

ବାତୁଳ ହେବାର ସମ୍ବାଦ ଶୁଣି ଏହାଙ୍କର ଦେଶକୁ ଗଲି ସେମାନଙ୍କଠାରେ ଏହାଙ୍କର ମୈତ୍ରତା ଥିଲା । ସେହି ମୈତ୍ରତାଦ୍ୱାରା ମୁଁ ଏ ଯୁବରାଜଙ୍କ ସହିତ ପରିଚିତ ହେଲି । ଗନ୍ଧର୍ବ ବିବାହକାଳୀନ ସେମାନଙ୍କ ଦତ୍ତ ମନ୍ତ୍ରଦ୍ୱାରା ଯୁବରାଜ ସେମାନଙ୍କୁ ରୋଗରୁ ବର୍ତ୍ତମାନ ମୁକ୍ତ କରୁଛନ୍ତି । ହେ ମହିମା ! ସେମାନଙ୍କୁ କୌଣସି ରୋଗ ହୋଇ ନ ଥିଲା କେବଳ ଏହାଙ୍କର ବିଚ୍ଛେଦରୁ ସେମାନେ ଏପରି ଦଶାକୁ ପ୍ରାପ୍ତ ହୋଇଥିଲେ ।

[ସର୍ବାଙ୍ଗସୁନ୍ଦରୀର ପ୍ରବେଶ ।

ସର୍ବା ।—(ବ୍ୟସ୍ତଭାବେ ରାଜକୁମାରର ହସ୍ତଧାରଣପୂର୍ବକ ରାଜାଙ୍କ ମୁଖକୁ ଚାହିଁ) ହେ ରାଜନ୍ ! ଏ ସମାଚାର ପୂର୍ବରୁ ମୁଁ ଜାଣିଥିଲି—ନିଜ୍ଜରେ ହଟହଟା ହେବି ବୋଲି ଲଜ୍ଜାରେ ଜଣାଇଲି ନାହିଁ । ଏ ଆମ୍ଭର ଜାମାତା—ଏହା ପୂର୍ବରୁ ଈଶ୍ୱର ଘଟଣା କରି ଦେଇଛନ୍ତି ।

ସମ ।—ତେବେ ବିବାହର ଉଦ୍‌ଯୋଗ ଶୀଘ୍ର କରିବା ଉଚିତ ।

ସର୍ବା ।—ଶୀଘ୍ର କରିବା ଉଚିତ ।

ସମ ।—ଯୁବରାଜ ! ତୁମ୍ଭର ସମ୍ମତି ଅଛି ନା ?

ମଦ ।—(ସଲଜ୍ଜଭାବେ) ଯେବେ ସମ୍ମତି ନ ଥାନ୍ତା ତେବେ ମୁଁ ଏତେଦୂର କାହିଁକି ଆସିଥାନ୍ତି ! ମାତ୍ର ମୋର ପିତା ମାତା ବ୍ରହ୍ମଦେଶର ଅମରପୁରରେ ଅଛନ୍ତି । ତାଙ୍କର ଅନୁଜ୍ଞା ହେଲେ ମୁଁ କିପରି ସମ୍ମତି ଦେବି ?

ସମ ।—ଠିକ ! ଆମ୍ଭେ ତୁମ୍ଭର ପିତାଙ୍କ ନିକଟକୁ ଦୂତ ପଠାଉଛୁ—ସେ ଏଠାକୁ ଆସିଲେ ତୁମ୍ଭର ବିବାହକାର୍ଯ୍ୟ ଆରମ୍ଭ କରିବୁ ।

ମୃଛ ।—ଆପଣଙ୍କର ଯେ ଅଭିରୁଚି ।

ସୁମ ।—(ରାଣୀଙ୍କୁ ଅନାଇ) ହେ ପ୍ରିୟେ ! ଏ ତୁମ୍ଭର ପୁତ୍ର—ଏହାଙ୍କୁ ଅନ୍ତଃପୁରକୁ ନେଇ ଭୋଜନର ସୁବନ୍ଦୋବସ୍ତ କର—ପୁଣି ଆମରି ପୁରରୁ ଫେରିଲେ ଏହାଙ୍କର ବିବାହ କରାଇବା ।

[ଯୁବରାଜର ହସ୍ତଧରି ସର୍ବାଙ୍ଗସୁନ୍ଦରୀ ରାଜା, ଧାତ୍ରୀ ଓ ଅନନ୍ତ ସଙ୍ଗରେ ଅଟ୍ଟାଳିକା ଭିତରକୁ ଗମନ ।

ପଟ ପରିବର୍ତ୍ତନ ।

ତୃତୀୟ ଦୃଶ୍ୟ । ବିବାହମଣ୍ଡପ ।

[ବର କନ୍ୟା ପୃଥକ୍ ଆସନେ ଆସୀନ ଏବଂ ଅମର ପୁରର ରାଜା ଓ ଚନ୍ଦନ ନଗରର ରାଜା ଭିନ୍ନ ଆସନେ ଆସୀନ । ପୁରୋହିତର ସ୍ୱକାର୍ଯ୍ୟାରମ୍ଭ । ଚନ୍ଦନ ନଗର ରାଜାର ଆପଣାର କନ୍ୟାକୁ ଯୁବରାଜଙ୍କୁ ସମର୍ପଣ କରଣ ଓ ବସ୍ତ୍ର ଗଣ୍ଠି ପ୍ରଦାନ । ନେପଥ୍ୟେ ହୁଳହୁଳୀ ଓ ବନ୍ଧୁକର ଶବ୍ଦ ଏବଂ ବର କନ୍ୟା ଦଣ୍ଡାୟମାନ ହୋଇ ମଣ୍ଡପ ସପ୍ତବାର ପ୍ରଦକ୍ଷିଣ କରି ପୁନର୍ବାର ଆସୀନ । କନ୍ୟାର ମାତା ସ୍ତ୍ରୀମାନଙ୍କ ସହିତ ଭିତରୁ ଆସି ବର କନ୍ୟାଙ୍କୁ ବନ୍ଦାଇ ଗଲା ପରେ ସପ୍ତସଖୀଙ୍କର ଦଣ୍ଡାୟମାନ ।]

[illegible] ।—(ଆସନରୁ ଉଠି ଯୋଡ଼ହସ୍ତେ) ହେ ସୃଷ୍ଟିକର୍ତ୍ତା ! ଆଜି ମୋର ନେତ୍ର ଏହା ଦେଖି ଚରିତାର୍ଥ ହେଲା---ମନ ଆନନ୍ଦରେ ପରିପୂର୍ଣ୍ଣ ହୋଇଗଲା । [illegible] ମନର-ଭିତର ଯେପରି ଅଟଳ ସ୍ପୃହା କରିଥିଲା, ତାହିଁରେ ଏପରି ଆନନ୍ଦର ସମସ୍ତ ଦେଖିବି ବୋଲି ମୋର କଳ୍ପନା ଆଶା ନ ଥିଲା ସବୁ ଆପଣଙ୍କ ର ଅନୁଗ୍ରହ । ଆପଣ ମଙ୍ଗଳମୟ ! ମୋର ମଙ୍ଗଳ ହେବୁ ସେ ପ୍ରତିଜ୍ଞା ଦିଅନ୍ତୁଥିଲେ । [illegible]

ପଞ୍ଚମଅଭିନୟ ।

ଏତେ ବଡ଼ ରାଜାଙ୍କର ଏପରି ଗୁଣବତୀ କନ୍ୟା ମୋତେ, ମି-
ଳିଥାନ୍ତା । ଆଉ କିଛି ବାଞ୍ଛା ନାହିଁ । ହେ କରୁଣାସାଗର !
ନବୀନ ବର କନ୍ୟାଙ୍କୁ ଦୀର୍ଘଜୀବୀ କରନ୍ତୁ ।

ସପ୍ତସଖିଙ୍କର ନୃତ୍ୟ ଓ

ଯବନିକା ପତନ ।

ସମ୍ପୂର୍ଣ୍ଣ ।

National Library,
Calcutta-27

DBA0000020570RI